## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ରେଙ୍ଗାଲି, ୫।୨(ଡି.ଏନ.ଏ.): ରେଙ୍ଗାଲି ଥାନା ପୁରୁଣାବସ୍ତିରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୁନୁ ପାଢ଼ୀ (୫୭)। ମୁନୁ ପୁରୁଣା ବସ୍ତିଠାରେ ଥିବା ତାଙ୍କ ଘର ପାଇଁ ଇଟା ମଗାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଟ୍ରାକ୍ଟର ଇଟା ଅନ୍‌ଲୋଡ କରି ଆଗକୁ ନେବା ସମୟରେ ସେଠାରେ ଛିଡା ହୋଇଥିବା ମୁନୁଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ରେଙ୍ଗାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ରେଙ୍ଗାଲି ପୁରୁଣାବସ୍ତି ପ୍ରାଥମିକ ବିଦ୍ୟାଳୟରେ ସେ ୧୮ ବର୍ଷ ରହିବା ପରେ ଏବେ ସେ ସାଲଡ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ରେଙ୍ଗାଲି ତଥା ପୁରୁଣା ବସ୍ତି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମନ୍ଦିର ଟ୍ରଷ୍ଟିଙ୍କ ବିୟୋଗ

ଧମା,୫।୨(ଡି.ଏନ.ଏ.): ପ୍ରସିଦ୍ଧ ବକ୍ରମନ୍ଦିର ହୁମାର ବିମଳେଶ୍ୱର ବାବା ମନ୍ଦିର ଟ୍ରଷ୍ଟି ତଥା ମୁଖ୍ୟ ପୂଜକ ଦିଲୀପ ପୂଜାରୀଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୬ ବର୍ଷ ହୋଇଥିଲା। ସକାଳ ୮ଟାରେ ହୃଦଘାତ ହେବା ପରେ ପରିବାର ଲୋକେ ତାଙ୍କୁ ସଦର ହସ୍ପିଟାଲ ନେଇଥିଲେ। ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର ସମୟରେ ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସନ୍ଧ୍ୟାରେ ହୁମା ମନ୍ଦିର ନିକଟ ସ୍ୱର୍ଗଦ୍ୱାରଠାରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ୫ବର୍ଷର ପୁଅ ସାୟନ ମୁଖାଗ୍ନି ଦେଇଥିଲେ। ତାଙ୍କର ୩ବର୍ଷର ଝିଅ ଓ ବିଧବା ସ୍ତ୍ରୀ ଅଛନ୍ତି।

### ୬ ଦୋକାନରୁ ଚୋରି

ବ୍ରଜରାଜନଗର, ୫।୨ (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଅଣ୍ଡା ଛକର ୬ ଗୋଟି ଦୋକାନରୁ ଗୁରୁବାର ମଧ୍ୟରାତ୍ରିରେ ଚୋରି ହୋଇଛି। ଚୋରମାନେ ଦୋକାନର ଆଜବେଷ୍ଟସ୍ ଭାଙ୍ଗି ଚୋରି କରିଛନ୍ତି। ଜଗବନ୍ଧୁ କବି, ଶୈଳେଶ ପ୍ରସାଦ, ପ୍ରଦ୍ୟୁମ୍ନ ସାହୁ, ରାଜକୁମାର ରୋହିଦାସ, ତ୍ରିଲୋଚନ ଦାଶଙ୍କ ଦୋକାନରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ନଳିତା ମୋଦୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

### ଟ୍ରକ୍ ମାଲିକ ସମସ୍ୟା ନେଇ ପ୍ରଶାସନ ସହ ଆଲୋଚନା

ବ୍ରଜରାଜନଗର, ୫।୨ (ଡି.ଏନ.ଏ.): ବ୍ରଜରାଜନଗର ଟ୍ରକ ମାଲିକଙ୍କ ସମସ୍ୟା ନେଇ ଶୁକ୍ରବାର ପ୍ରଶାସନ ସ୍ତରୀୟ ଆଲୋଚନା ଆରମ୍ଭ ହୋଇଛି। ଜିଲାପାଳ ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମାଲିକ ସଂଘ ସଭାପତି ସତିଶ ସିଂ, ଉପସଭାପତି ଅରୁଣ ଯାଦବ, ପୂର୍ବତନ ସଭାପତି ଦେବ ପ୍ରସାଦ ଦାଶ, ଦେବେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଚଳିତମାସ ୧୧ କିମ୍ବା ୧୨ ତାରିଖ ମଧ୍ୟରେ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଡାକି ରୋଡ୍ ସେଲ କୋଇଲା ୩୦ ପ୍ରତିଶତ ନେବା ପାଇଁ ଚାପ ପ୍ରୟୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରଜରାଜନଗର ଓ ଆଖପାଖ ଅଞ୍ଚଳରେ ୫ ହଜାରରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ କୋଇଲା ପରିବହନ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଦୀର୍ଘ ଏକବର୍ଷ ହେବ ବେଦାନ୍ତ କର୍ତ୍ତୃପକ୍ଷ କରୋନା ଆଳ ଦେଖାଇ ଟ୍ରକ ଯୋଗେ କୋଇଲା ପରିବହନ ବନ୍ଦ କରି ଟ୍ରେନ୍‌ରେ ପରିବହନ କରୁଛନ୍ତି। ଫଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ପରିବାର ଗାଡି ଛିଡା କରି ଭୋକଉପାସରେ ଦିନ କାଟୁଛନ୍ତି।

### ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା

ସମ୍ବଲପୁର,୫।୨(ବ୍ୟୁରୋ): ସମ୍ବଲପୁର ଜିଲାରେ ଶୁକ୍ରବାର ୧୧ କେନ୍ଦ୍ରରେ ୧୪୭୭ ଛାତ୍ରୀଛାତ୍ର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ଏହା ମଧ୍ୟରେ ଷ୍ଟେଜ-୧ରେ ୮୩୨ ଓ ଷ୍ଟେଜ-୨ରେ ୬୪୫ ଛାତ୍ରୀଛାତ୍ର ଅଛନ୍ତି। ବାମରା ହାଇସ୍କୁଲ, କୁଚିଣ୍ଡା ବାଳିକା ହାଇସ୍କୁଲ, ଜମନକିରା ପିଏଚ୍‌ସି ହାଇସ୍କୁଲ, ଜଗନ୍ନାଥ ପ୍ରସାଦ ହାଇସ୍କୁଲ ନାକଟିଦେଉଳ, ରେଙ୍ଗାଲି ବାଳିକା ହାଇସ୍କୁଲ, ଯୁଯୁମୁରା ହାଇସ୍କୁଲ, ମାନେଶ୍ୱର ବ୍ଲକର ବଟେମୁରା ହାଇସ୍କୁଲ, ଶାସନ ହାଇସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ବୁଢାରଜା ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ହୋଇଥିଲା।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ପଡ଼ିଆବାହାଲ ପିଏଚ୍‌ସି**

- ନାହାନ୍ତି ଆବଶ୍ୟକ ଡାକ୍ତର, ଷ୍ଟାଫ୍‌ନର୍ସ
- ୭ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ

ପଡିଆବାହାଲ, ୫।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ପଡିଆବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଆବଶ୍ୟକ ଡାକ୍ତର ଓ ଷ୍ଟାଫ୍‌ନର୍ସ ନ ଥିବାରୁ ସ୍ଥାନୀୟ ଲୋକେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ପଞ୍ଚାୟତ ଲୋକପ୍ରତିନିଧି ଚେତାବନୀ ଦେଇଛନ୍ତି।

ଜାତୀୟ ରାଜପଥ କଡରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶତାଧିକ ରୋଗୀ ଚିକିତ୍ସାସେବା ପାଇଁ ଆସିଥାନ୍ତି। ପ୍ରସୂତି ପାଇଁ ଅଧିକାଂଶ ମହିଳା ଆସୁଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୁଖ୍ୟ ଡାକ୍ତରଖାନାକୁ ପଠାଇବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ ଏଠାରେ ୨ ଡାକ୍ତର, ଜଣେ ଭ୍ରାମ୍ୟମାଣ ଆୟୁଷ ଡାକ୍ତର, ୪ ଷ୍ଟାଫନର୍ସ, ୨ ଏଏନ୍‌ଏମ୍, ଜଣେ ଲେଖାଏ ଆଟେଣ୍ଡାଣ୍ଟ, ଫାର୍ମାସିଷ୍ଟ, ସୁଇପର, ସୁପରଭାଇଜର, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଥିଲେ। ମାତ୍ର ବିଭିନ୍ନ କାରଣରୁ ଏବେ ଡାକ୍ତରଖାନା ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟରେ ଚାଲୁଛି। ଆୟୁଷ ଡାକ୍ତର ଓ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ଫିଲ୍ଡ ଡ୍ୟୁଟି ରହୁଥିବାରୁ ଡାକ୍ତରଖାନାରେ ସମୟ ଦେବା ସମ୍ଭବ ହେଉନାହିଁ। ଷ୍ଟାଫ୍‌ନର୍ସ, ଏଏନ୍‌ଏମ୍, ଆଟେଣ୍ଡାଣ୍ଟ ନ ଥିବାରୁ ପ୍ରସୂତି ମହିଳାଙ୍କୁ ଚିକିତ୍ସା ସୁବିଧା ଦିଆଯାଇ ପାରୁନାହିଁ। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ପାଇଁ ସ୍ୱତନ୍ତ୍ର କୋଠରି ଥିଲେ ସୁଦ୍ଧା ରୋଗୀ ଭିଡକୁ କମାଇବା ପାଇଁ ଉଭୟେ ଗୋଟିଏ କୋଠରିରେ ବସି ଚିକିତ୍ସା ସେବା ଯୋଗାଉଛନ୍ତି। ଡାକ୍ତରଖାନା ସମସ୍ୟା ନେଇ ରୋଗୀ କଲ୍ୟାଣ ସମିତି ସଭ୍ୟ ପ୍ରମୋଦ କୁମାର ମିଶ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ କଥା ହୋଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଶୁକ୍ରବାର ଏ ସମ୍ପର୍କରେ ସରପଞ୍ଚ ମିତ୍ରଭାନୁ ପ୍ରଧାନ, ନନ୍ଦିକେଶ ସାହୁ, ସାଧୁଚରଣ ପଧାନ ପ୍ରମୁଖ ଡାକ୍ତରଖାନାକୁ ଯାଇ ଡା. ଲୋକନାଥ ପଧାନ ଓ ଉପସ୍ଥିତ ଷ୍ଟାଫ୍‌ଙ୍କ ସହ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଜଣାଇ ୭ଦିନ ଭିତରେ ଷ୍ଟାଫ୍ ନ ବଢ଼ାଇଲେ ସେମାନେ ତାଲା ମାରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ।

# ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷିଲେ ଜିଲାପାଳ



ବୁର୍ଲାଠାରେ ସଫେଇ କର୍ମଚାରୀଙ୍କୁ ରନ୍ଧାଖାଦ୍ୟ ପରଷା ଯାଉଛି।

**ସମ୍ବଲପୁର**

- ମହାନଗର ନିଗମର ବଡ଼ଖାନା କାର୍ଯ୍ୟକ୍ରମ
- ମୋ ଖତ ଯୋଜନାର ଶୁଭାରମ୍ଭ

ସମ୍ବଲପୁର,୫।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଶୁକ୍ରବାର ମୋଖତ ଯୋଜନାର ଶୁଭାରମ୍ଭ ହେବା ସହ ବଡଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଶୁଭମ୍ ସକ୍‌ସେନା ଅତିଥି ଭାବେ ଯୋଗଦେଇଥିଲେ। କଲ୍ୟାଣ ମଣ୍ଡପରେ ମୋଖତ ଯୋଜନା ଉପରେ କର୍ମଶାଳା ହୋଇଥିଲା। ବୁର୍ଲାରେ ନିୟୋଜିତ ଥିବା ପ୍ରାୟ ୨୫୦ ଜଣ ସଫେଇ କର୍ମଚାରୀ ଯୋଗ ଦେଇଥିଲେ। ସେମାନଙ୍କୁ ବର୍ଜ୍ୟବସ୍ତୁ ସଂଗ୍ରହ ଉପରେ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା। ପୃଥକ୍ ଭାବେ ବର୍ଜ୍ୟବସ୍ତୁ ସଂଗ୍ରହ କଲେ ଖତ ତିଆରି କରିବାରେ ସହଜ ହେବ। ପ୍ରତି ପରିବାର ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ କର୍ମଚାରୀମାନଙ୍କୁ କୁହାଯାଇଥିଲା। କର୍ମଶାଳା ପରେ ସମସ୍ତଙ୍କୁ ଖାଇବାକୁ ଦିଆଯାଇଥିଲା। ଜିଲାପାଳ ସକ୍‌ସେନାଙ୍କ ସମେତ ବରିଷ୍ଠ ପଦାଧିକାରୀ ସଫେଇ କର୍ମଚାରୀଙ୍କୁ ରନ୍ଧାଖାଦ୍ୟ ପରଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ଉମାକାନ୍ତ ରାଜ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ, ଡେପୁଟି କମିଶନର ରବୀନ୍ଦ୍ର ପଟେଲ,ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଣନପୁର, ଚାଆଁରପୁର, ବାଲିବନ୍ଧା, ବୁର୍ଲାରେ ମୋଖତ ଯୋଜନା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ସ୍ୱଚ୍ଛ ସର୍ବେକ୍ଷଣ ଯୋଜନାରେ ମହାନଗର ନିଗମ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ୱଚ୍ଛ ସମ୍ବଲପୁର ନାରା ଦେଇ ସହରର ସମସ୍ତ ବର୍ଗର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ତାଲିମ ଦିଆଯାଉଛି। ଏଥିରେ କର୍ମଚାରୀମାନଙ୍କୁ ପୁରସ୍କାର ରାଶି ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି।

# ଅଧିକାରୀଙ୍କ ବହିଷ୍କାର ଦାବିକଲା ମହିଳା ସଙ୍ଗଠନ



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଚାରିଟେବୁଲ୍ ଟ୍ରଷ୍ଟର କର୍ମକର୍ତ୍ତା।

**ଯୌନ ଉତ୍ପୀଡ଼ନ ଅଭିଯୋଗ**

- କାର୍ଯ୍ୟରତ ମହିଳାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦାବି
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଲଖନପୁର,୫।୨(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଖୋଲାମୁହଁ କୋଇଲାଖଣିର ଜଣେ ଅଧିକାରୀଙ୍କ ନାମରେ ଯୌନ ଉତ୍ପୀଡନ ଅଭିଯୋଗ ହୋଇଛି । ଏହି ପ୍ରସଙ୍ଗରେ ସମଲେଶ୍ୱରୀ ମା'ଘର ଚାରିଟେବୁଲ୍ ଟ୍ରଷ୍ଟର ଏକ ପ୍ରତିନିଧି ଦଳ ଅଧ୍ୟକ୍ଷା ପଦ୍ମିନୀ ସିଂଙ୍କ ନେତୃତ୍ୱରେ ଶୁକ୍ରବାର ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଟ୍ରଷ୍ଟର ଅଧ୍ୟକ୍ଷା ସିଂ, ପ୍ରମିଳା ମଲ୍ଲିକ, ରେଣୁ ଠାକୁର, ବିଜୟଲକ୍ଷ୍ମୀ ଷଡଙ୍ଗୀ ସାମିଲ ହୋଇଥିଲେ। ଏ ଦିଗରେ ଯଦି କମ୍ପାନୀ କର୍ତ୍ତୃପକ୍ଷ ଅଣଦେଖା କରନ୍ତି ତେବେ ଅଗାମୀ ଦିନରେ ଟ୍ରଷ୍ଟ ତରଫରୁ ମହାପ୍ରବନ୍ଧ କାର୍ଯ୍ୟାଳୟ ଘେରାଉ କରାଯାଇ ଆନ୍ଦୋଳନ କରାଯିବ। ସେହିପରି ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା ଏହାକୁ ନିନ୍ଦା କରିବା ସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି କ୍ଷେତ୍ର ମହାପ୍ରବନ୍ଧକ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଏମ୍‌ସିଏଲ୍ ଅଫିସର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ଏପି ଶୁକ୍ଳା କହିଛନ୍ତି, ଇସିସି ଏହାର ତଦନ୍ତ କରୁଛି। କମ୍ପାନୀ କି ପଦକ୍ଷେପ ଗ୍ରହଣ କରୁଛି ତାହାକୁ ଅପେକ୍ଷା କରାଯାଇଛି। ପରେ ଆସୋସିଏଶନ ତରଫରୁ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ।

### ନିର୍ମାଣ ଶ୍ରମିକ କାର୍ଡ ଠକେଇ: ଅଭିଯୁକ୍ତ ଗିରଫ

ସମ୍ବଲପୁର,୫।୨(ବ୍ୟୁରୋ)

ସମ୍ବଲପୁର ଧନୁପାଲି ପୋଲିସ ନିର୍ମାଣ ଶ୍ରମିକ କାର୍ଡ ତିଆରି ନାମରେ ଠକେଇ ଅଭିଯୋଗରେ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରେଙ୍ଗାଲି ଅଞ୍ଚଳର ରମେଶ ସିଂ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ୪୫/୨୧ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ରେଙ୍ଗାଲି ବ୍ଲକର ଶତାଧିକ ମହିଳାପୁରୁଷ ନିର୍ମାଣ ଶ୍ରମିକ କାର୍ଡ ପାଇବା ଆଶାରେ ଠକେଇର ଶିକାର ହୋଇଥିଲେ। ଏହାକୁ ନେଇ ସେମାନେ ଗୁରୁବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ପାଖରେ ଅଭିଯୋଗ କରିଥିଲେ। ଜିଲାପାଳ ସକ୍‌ସେନା ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘଟଣାସ୍ଥଳରୁ ଏକ ନମ୍ବରବିହୀନ ବାଇକ୍ ଜବତ କରି ଲୋକମାନେ ପୋଲିସ ଜିମା ଦେଇଥିଲେ।

# ରୋଗୀଙ୍କୁ ପରିଚୟ ଖୋଜି ଘରେ ପହଞ୍ଚାଇଲେ



ଜିଲା ରେଡକ୍ରସ ସଦସ୍ୟ ଓ ରାଜେଶଙ୍କ ପରିବାର ।

ସମ୍ବଲପୁର, ୫।୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭୀମସାରରେ ଅସ୍ଥିଶଲ୍ୟ ବିଭାଗରେ ରାଜେଶ ସୁନାନୀ ନାମକ ଜଣେ ଯୁବକଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଜାନୁୟାରୀ ୨୯ରେ ଡିସଚାର୍ଜ କରାଯାଇଥିଲା। କୌଣସି ଠିକଣା ନ ପାଇବାରୁ ସେ ଭୀମସାର ପରିସରରେ ପଡିରହିଥିଲେ। ଏହି ଖବର ପାଇ ଜିଲା ରେଡ୍‌କ୍ରସ ସଦସ୍ୟ ନିହାଲ ସିଂ, ସୁବାସ ମେହେର, ସୁରେଶ ବାଗ, ଶେଖ ଇନ୍ତିଖାପ, ନରେନ୍ଦ୍ର ଭଣ୍ଡାରେ ପହଞ୍ଚିଥିଲେ। ସେମାନେ ପୋଲିସ ଓ ସାମାଜିକ ଗଣମାଧ୍ୟମର ସହଯୋଗ ନେଇ ରାଜେଶ ରେଙ୍ଗାଲି ଖିଣ୍ଡା ଗ୍ରାମର ବୋଲି ଜାଣିବାକୁ ପାଇଥିଲେ। ସେଠାକୁ ଯିବା ପରେ ତାଙ୍କର ଜଣେ ସମ୍ପର୍କୀୟ ପିଉସୀଙ୍କୁ ଭେଟିଥିଲେ। ପିଉସୀ ରଖିବାକୁ ମନାକରି ରାଜେଶଙ୍କ ଠିକଣା ଝାରସୁଗୁଡା ଜିଲା ଲଖନପୁର ପଣ୍ଡରି ଗ୍ରାମର ବୋଲି ସୂଚନା ଦେଇଥିଲେ। ପରେ କର୍ମକର୍ତ୍ତାମାନେ ସ୍ଥାନୀୟ ନାଏବ ସରପଞ୍ଚ ସୁବାସିନୀ ସାହୁ ଓ ସାମାଜିକ କର୍ମୀ ସୁମିତ୍ରା ପେରେଙ୍କ ସହ ଯୋଗାଯୋଗ କରି ତାଙ୍କ ପରିବାର ପାଖରେ ପହଞ୍ଚାଇଥିଲେ।

# ଟିକା ନ ନେଲେ ଦରମା କଟିବା ସମ୍ଭାବନା

**ଆଜିଠୁ ସମ୍ମୁଖ ଯୋଦ୍ଧାଙ୍କୁ ଟିକା**

- ଫଟୋ ସହ ଟୁଇଟ୍ କରିବେ ବରିଷ୍ଠ ଅଧିକାରୀ
- ଟିକା ନେଲେ, ନିବେଦନ କଲେ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୫।୨(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ କରୋନା ଟିକାକରଣ ଚାଲିଛି। ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଟିକା ଦିଆଯାଉଛି। ତେବେ ଅଧିକାଂଶ କୋୱିନ୍ ଆପ୍‌ରେ ପଞ୍ଜୀକରଣ କରି ଆସୁ ନ ଥିବାରୁ ଟିକାଦାନ ହାର ବଢୁନି। କଟକ ସମେତ କେତେକ ଜିଲାରେ ଏହି ହାର ବହୁତ କମ୍ ରହିଛି। ଏହାକୁ ଦୃଷ୍ଟିରେ ରଖି କଟକ ଜିଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟିକା ନ ନେଲେ ଦରମା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ଭାବନୀ ଶଙ୍କର ଚୟନୀ ସିଏମ୍‌ସି କମିଶନର, ଏସ୍‌ସିବି ଅଧୀକ୍ଷକ ଓ ସିଡିଏମ୍‌ଓଙ୍କୁ ଚିଠି ଲେଖିଛନ୍ତି। ତେବେ ଏଯାଏ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏପରି ନିର୍ଦ୍ଦେଶ ହୋଇ ନ ଥିଲେ ମଧ୍ୟ ପ୍ରତି ଜିଲା ପ୍ରଶାସନ ଏପରି ପଦକ୍ଷେପ ନେଇପାରିବେ ବୋଲି କୁହାଯାଇଛି। ଆଗକୁ ଅନ୍ୟସବୁ ଜିଲାରେ ମଧ୍ୟ ଏପରି ଦରମାବନ୍ଦର ପଦକ୍ଷେପ ନିଆଯିବା ସମ୍ଭାବନା ରହିଥିବା ସୂଚନା ମିଳିଛି।

ଏପଟେ ଶନିବାରଠାରୁ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯିବ। ୩ସପ୍ତାହ ଧରି ଏହି ଟିକାକରଣ ଚାଲିବ। ଏଥିପାଇଁ ତାଲିକା ପ୍ରସ୍ତୁତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୋଲିସ ଡିଜି, ଏସ୍‌ପି, ଜିଲାପାଳ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଟିକା ନେବେ। ଏହାଛଡ଼ା ଗୃହ, ନଗର ଉନ୍ନୟନ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ଟିକା ନେବା ପରେ ସେମାନେ ଫଟୋ ସହିତ ଟୁଇଟ୍ କରିବେ। ଏହି ଟିକା ସୁରକ୍ଷିତ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସେମାନେ ଜଣାଇବେ। ଫଳରେ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ଏବଂ ଆତ୍ମବିଶ୍ୱାସ ସୃଷ୍ଟି ହେବ।





ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ଟିକା ନେଉଛନ୍ତି।

ଅପରପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଶୁକ୍ରବାର ଟିକା ନେଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ କରୋନା ଟିକା ନେବାପରେ ମହାପାତ୍ର ପ୍ରତିକ୍ରିୟା ରଖି କହିଛନ୍ତି, କରୋନା ଟିକା ସମ୍ପୂର୍ଣ୍ଣ ନିରାପଦ। ନିଜ ପାଳି ଆସିଲେ ଆଗେଇ ଆସି କରୋନା ଟିକାର ଦୁଇଟି ଯାକ ଡୋଜ୍ ନିଅନ୍ତୁ ଓ କରୋନା ଠାରୁ ଦୂରେଇ ରୁହନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ରାଉରକେଲା ଚିକିତ୍ସକ ସଂଘର ବିକ୍ଷୋଭ

ରାଉରକେଲା ଅଫିସ, ୫।୨

ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମ୍‌ଏ) ହଲ ପରିସରରେ ଭାରତୀୟ ଚିକିତ୍ସକ ସଂଘ ରାଉରକେଲା ସିଟି ଶାଖା ପକ୍ଷରୁ ସଭାପତି ଡ.ସମୀର ପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ଡାକ୍ତର ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିଦିନ ପୂର୍ବେ ଜାତୀୟ ମେଡିକାଲ କାଉନସିଲ୍ ଅଫ ଇଣ୍ଡିଆ ମେଡିସିନ୍ ସଂସ୍ଥା ବିଭିନ୍ନ ଆୟୁର୍ବେଦିକ, ହୋମିଓପାଥିକ ଓ ଆୟୁଷ ଡାକ୍ତରମାନଙ୍କୁ ଏମ୍‌ବିବିଏସ୍ ଡାକ୍ତରଙ୍କ ଭଳି ସମସ୍ତ ଆଧୁନିକ ଚିକିତ୍ସା ସହ ଜଟିଳ ସର୍ଜରୀ, ଜଟିଳ ରୋଗର ଅସ୍ତ୍ରପ୍ରଚାର କରିବାକୁ ଅନୁମତି ଦେଇଛି। ଯାହା ଅଧିନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ରୂପେ ଏହା ବେଆଇନ ବୋଲି ସଂଘ ପକ୍ଷରୁ କୁହାଯାଇଛି। କାରଣ କୌଣସି ସ୍ଥାନରେ ଆଜିଯାଏଁ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ମାଧ୍ୟମରେ ସର୍ଜରୀ କିମ୍ବା ଆଧୁନିକରଣ ଚିକିତ୍ସା ସେବାକୁ ସଫଳ କରାଯାଇ ପାରିନାହିଁ। ଏଥିରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ସ୍ୱାସ୍ଥ୍ୟସେବା ନାମରେ ଶୋଷଣ ହେବ । ଫଳରେ ଦେଶରେ ବିଭିନ୍ନ ରୋଗୀଙ୍କ ଜୀବନ ସହ ଖେଳିବା ସଙ୍ଗେ ସଙ୍ଗେ ସେମାନଙ୍କ ରୋଗର ସ୍ଥିତି ବଢ଼ିବାରେ ଲାଗିବ। ତେଣୁ ଜାତୀୟ ମେଡ଼ିକାଲ କାଉନସିଲ ଏଭଳି ନିଷ୍ପତି ଗ୍ରହଣ ଯୋଗ୍ୟ ନୁହେଁ ବୋଲି ଦାବି କରିଛି। ଏହି ନିଷ୍ପତିକୁ ଯଥାଶୀଘ୍ର ବଦଳାଇବାକୁ ରାଉରକେଲା ଚିକିତ୍ସକ ସଂଘ ଶାଖା ପକ୍ଷରୁ ଦାବି କରିଯାଇଛି। ଏହି ଅବସରରେ ଭାରତୀୟ ଚିକିତ୍ସକ ସଂଘ ଦୀର୍ଘ ୧ ସପ୍ତାହ ଧରି ବିଭିନ୍ନ ଶାଖା ମାଧ୍ୟମରେ ହଙ୍ଗରଷ୍ଟ୍ରାଇକ କରୁଛି। ଶୁକ୍ରବାର ଆଇଏମ୍‌ଏ ହଲ ପରିସରରେ ରାଉରକେଲାର ବିଭିନ୍ନ ଡାକ୍ତର ଯୋଗଦେଇ ଏହି ନିଷ୍ପତିକୁ ବିରୋଧ କରିଥିଲେ। ବିଭିନ୍ନ ଡାକ୍ତରଙ୍କ ପକ୍ଷରୁ ଏହି ହଙ୍ଗରଷ୍ଟ୍ରାଇକ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘର ସମ୍ପାଦକ ଡାକ୍ତର ସତ୍ୟରଂଜନ ଦାସ ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ଡାକ୍ତର ଗୋପବନ୍ଧୁ ବଳ, ଏସ୍.ଆର ଦାସ, ଦେବେନ୍ଦ୍ର କୁମାର ସେଠୀ, ସଞ୍ଜୟ ରାୟ, ଚିନ୍ମୟ ସାହୁ, ଅଭିଷେକ ରାଉତରାୟ, ସୂର୍ଯ୍ୟନାରାୟଣ ସେଠୀ, ଚିନ୍ମୟ ନାୟକ, ଅନୁରୁଦ୍ଧ ସାହୁ, ସୁବ୍ରତ ପରିଡ଼ା,ପୂର୍ଣ୍ଣିମାଙ୍କ ସହ ସମସ୍ତ ଡାକ୍ତର ଉପସ୍ଥିତ ଥିଲେ।



ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ତଦନ୍ତ କରୁଛି ପୋଲିସ

ସମ୍ବଲପୁର,୫।୨(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ଗୋପାଳମାଳ ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ କହିବାନୁସାରେ ବରଗଡ ଜିଲା ପଦ୍ମପୁର ଅଞ୍ଚଳର ୨୦ ବର୍ଷିୟା ଯୁବତୀ ଗୋପାଳମାଳରେ ଭଡାରେ ରହୁଥିଲେ। ପୂର୍ବରୁ ତାଙ୍କର ହୃଦ୍‌ଘାତ ଜନିତ ସମସ୍ୟା ରହିଥିଲା। ସେ ସମ୍ବଲପୁରରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ଛାତିରେ ଯନ୍ତ୍ରଣା ହେବାରୁ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବତୀଙ୍କ ପରିବାରକୁ ଏ ନେଇ ସୂଚନା ଦିଆଯାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ପୋଲିସ ସୂଚନା ଦେଇଛି । ଯୁବତୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ତିନି ମହଲାରୁ ଖସି ଶ୍ରମିକ ଗୁରୁତର

**ରାଉରକେଲା ଅଫିସ:** ଦାଣ୍ଡିଆପାଲି ଅଞ୍ଚଳରେ ତିନି ମହଲାରୁ ଖସି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଉଦିତନଗର ଥାନା ଅଧିନସ୍ଥ ଖଡ଼ିଆପଡ଼ା ବସ୍ତିରେ ରାଜୁ କେରକେଟ୍ଟା(୩୪) ବାସ କରନ୍ତି। ସେ ସହରରେ ବିଭିନ୍ନ ସ୍ଥାନରେ ଦିନ ମଜୁରିଆ ଭାବେ କାମ କରି ନିଜର ପରିବାର ଭରଣପୋଷଣ କରନ୍ତି। ସବୁଦିନ ପରି ଶୁକ୍ରବାର ସାଢ଼େ ୮ଟାରେ ରାଜୁ ଦାଣ୍ଡିଆପାଲି ଅଞ୍ଚଳରେ ସେଣ୍ଟରିଙ୍ଗ କାମ କରିବାକୁ ଯାଇଥିଲେ। ଦିନ ସାଢ଼େ ୧୧ଟାରେ ଏକ ତିନିମହଲା ଉପରେ ଚଢ଼ି ଲୁହାରଡ଼ରେ ତାର ବାନ୍ଧୁଥିବା ସମୟରେ କୌଣସି କାରଣରୁ ତଳେ ପଡ଼ି ଯାଇଥିଲେ। ଏଥିରେ ତାଙ୍କର ମୁଣ୍ଡ ଓ ଛାତିରେ ଖୁବ ଜୋରରେ ଆଘାତ ଲାଗିଛି। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ଛତିଶଗଡ଼ ଲୋକେ ଆନ୍ଦୋଳନରେ ସାମିଲ

**ସୁନ୍ଦରଗଡ, ୫।୨ (ଡି.ଏନ୍.ଏ)**



ଛତିଶଗଡ଼ ଜନସାଧାରଣ ପ୍ରଦୂଷଣମୁକ୍ତ ନାରାବାଜି କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ବଲିଙ୍ଗା –ଟପରିଆ ରାସ୍ତାରେ ଗାଁ ମଝିରେ ଏମ୍‌ସିଏଲ କୁଲଡା କୋଇଲା ଖଣିରୁ ପଡୋଶୀ ଛତିଶଗଡ଼ ରାଜ୍ୟକୁ ହେଉଥିବା କୋଇଲା ପରିବହନକୁ ବନ୍ଦ ଦାବିରେ ଜନଶକ୍ତି ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୧୮ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନକୁ ସମର୍ଥନ କରି ଶୁକ୍ରବାର ଛତିଶଗଡ଼ ଲୋକେ ସାମିଲ ହୋଇଛନ୍ତି। ଜିଲା ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ବାରମ୍ବାର ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ରାସ୍ତା ଫିଟି ନ ଥିବାରୁ ଆନ୍ଦୋଳନ ଆହୁରି ତେଜିବାରେ ଲାଗିଛି। ଫଳରେ ଏହି ରାସ୍ତାଦେଇ ପ୍ରତ୍ୟହ ଶହଶହ ଟନ୍ କୋଇଲା ପରିବହନ ବନ୍ଦ ହୋଇଯାଇଥିବାରୁ ଏମ୍‌ସିଏଲ୍‌ର ବିପୁଳ କ୍ଷତି ହେବାରେ ଲାଗିଥି। ଗାଁ ମଧ୍ୟଦେଇ କୋଇଲା ପରିବହନ ଯୋଗୁ ଭୟଙ୍କର ପ୍ରଦୂଷଣର ଶିକାର ହେଉଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ରୂପ ତୀବ୍ର ହେବାରେ ଲାଗିଛି। ଆନ୍ଦୋଳନ ପ୍ରତି ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ଗୁଡ଼ିକ ସମର୍ଥନ ଜଣାଇଛନ୍ତି। ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ଶତାଧିକ ଜନସାଧାରଣ ଆନ୍ଦୋଳନକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଛନ୍ତି। ଶୁକ୍ରବାର ସକାଳ ୧୧ଟା ବେଳେ ଛତିଶଗଡ ରାଜ୍ୟ ଡମନା ବ୍ଲକର ମେହେନତକସ୍ ମଜଦୁର କିଷାନ ସମିତି ଏବଂ ଜନଚେତନା ମଞ୍ଚ ରାୟଗଡର ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ପ୍ରଦୂଷଣମୁକ୍ତ ନାରାବାଜି କରି ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ମଜଦୁର କିଷାନ ସମିତିର ସଂଯୋଜକ ହରିହର ପଟେଲ, ଜନଚେତନା ମଞ୍ଚର ରାଜେଶ ତ୍ରିପାଠୀ, ସରପଞ୍ଚ ପ୍ରେମଶୀଳା ରାଠିଆ, ରାଧେଶ୍ୟାମ ଶର୍ମା, ସିଓପାଲ ଭଗତ, ଦୟାନନ୍ଦ ପଟ୍ଟନାୟକ, ଗଣେଶବତୀ ଚୌହାନ, ସରସ୍ୱତୀ ପଟ୍ଟନାୟକ, ଜାନକୀ ରାଠିଆ ପ୍ରମୁଖ ଯୋଗଦେଇ ଆନ୍ଦୋଳନ ପ୍ରତି ଦୃଢସମର୍ଥନ ଜଣାଇଥିଲେ। ଦୀର୍ଘ ୧୮ଦିନ ହେବ କୋଇଲା ପରିବହନ ବନ୍ଦ ହେବା ପରେ ଟ୍ରାନ୍ସପୋର୍ଟର ମାନଙ୍କ ମଧ୍ୟରେ ଭାଳେଣି ପଡିଯାଇଛି।

- ଗାଁ ମଝିରେ କୋଇଲା ପରିବହନ ବନ୍ଦ ଦାବି
- ଚାଲିଥିବା ଆନ୍ଦୋଳନ ୧୮ଦିନରେ

## ସଂକ୍ଷେପରେ

### ନବବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଲହୁଣୀପଡା, ୫।୨ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସି ଗ୍ରାମରେ ଜନୈକା ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ଗ୍ରାମର ବିଜୁ କେରେ ୮ ମାସ ପୂର୍ବେ କେନ୍ଦୁଝର ଅଞ୍ଚଳର ବେବି ମୁଣ୍ଡାଙ୍କୁ ବିବାହ କରିଥିଲେ। ଗୁରୁବାର ମଧାହ୍ନରେ ସ୍ୱାମୀ ସ୍ତ୍ରୀ ମଧରେ ମାଡପିଟ ଓ ଝଗଡା ହୋଇଥିଲା ବୋଲି ପଡୋଶୀ ଲୋକମାନେ ପ୍ରକାଶ କରିଛନ୍ତି। ଝଗଡା ପରେ ବିଜୁ କେରେ ଜିନିଷ ଆଣିବା ପାଇଁ ନିକଟସ୍ଥ ଦୋକାନକୁ ଯାଇଥିଲେ। ଘରକୁ ଫେରିବା ପରେ ସ୍ତ୍ରୀ ବେବି ମରି ପଡିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ବିଜୁ ବେବି ବାପଘରକୁ ଜଣାଇବା ସହିତ କେ.ବଲାଙ୍ଗ ଥାନାକୁ ଖବର ଦେଇଥିଲେ। ଖବର ପାଇ କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡ଼ାକ୍ତରଖାନା ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଛି। ବେବିଙ୍କ ମୃତ୍ୟୁ ସନ୍ଦେହଜନକ ହୋଇଥିବାବେଳେ ତାଙ୍କ ବାପା ସିକନ୍ଦର ମୁଣ୍ଡା ଝିଅକୁ ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଡକାୟତି ଘଟଣାରେ ୨ଗିରଫ: ଛୁରି, ବାଇକ୍ ଜବତ



**ସୁନ୍ଦରଗଡ, ୫।୨ (ଡି.ଏନ୍.ଏ.):** ଗତ ଜାନୁୟାରୀ ୨୦ତାରିଖ ଭୋର ସମୟରେ ସୁନ୍ଦରଗଡ ସରକାରୀ କଲେଜ ରାସ୍ତାରେ ଜଣେ ମାଛ ବେପାରୀଙ୍କଠାରୁ ଟଙ୍କାଲୁଟ୍ ହୋଇଥିଲା। ଏହି ଘଟଣାରେ ଟାଉନଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୨ଯୁବକ ହେଲେ ସ୍ଥାନୀୟ ମହନ୍ତିଆପଡାର ସାହିଲ ସୁନାନୀ (୨୨) ଓ ଶ୍ରୀକାନ୍ତ ତନ୍ତୀ (୨୭)। ହେମଗିରର ଜଣେ ମାଛ ବ୍ୟବସାୟୀ ଦେବେନ୍ଦ୍ର ବଡେକ ପ୍ରତିଦିନ ସୁନ୍ଦରଗଡ କରମଡିହିରୁ ଏମ୍‌ସିଏଲ୍‌କୁ ମାଛନେଇ ଯାଆନ୍ତି। ଘଟଣାଦିନ ଭୋର୍ ସମୟରେ ଏହି ୨ଅଭିଯୁକ୍ତ ତାଙ୍କୁ ପିଛା କରି କଲେଜ ନିକଟରେ ଛୁରୀ ଦେଖାଇ ୪୦ହଜାର ଟଙ୍କା ଲୁଟ୍‌କରି ଫେରାର୍ ହୋଇଯାଇଥିଲେ। ବ୍ୟବସାୟୀ ଜଣକ ଏନେଇ ଟାଉନ୍ ଥାନାରେ ରିପୋର୍ଟ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତନାଘନା ତଦନ୍ତ ଚଳାଇଥିଲା । ପୋଲିସ ସେମାନଙ୍କ ନିକଟରୁ ଲୁଟ ବେଳେ ବ୍ୟବହୃତ ହୋଇଥିବା ଓଡି ୧୬ଏଫ୍- ୯୮୪୬ ନଂ. ବିଶିଷ୍ଟ ଏକ ସ୍କୁଟି ଓ ୨ଟି ମୋବାଇଲ ଜବତ କରିଛି।

# ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ବିଦ୍ୟାଳୟ

**କୁତ୍ରା, ୫।୨ (ଡି.ଏନ.ଏ)**

ସୁନ୍ଦରଗଡ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାର କୁତ୍ରା ମଧ ଆଦିବାସୀ ଅଧ୍ୟୁଷିତ ବ୍ଲକ। କୁତ୍ରା ବ୍ଲକର ଗ୍ରାମାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଏକ ପ୍ରକାର ଭୁଶୁଡ଼ିଯିବା ଭଳି ସ୍ଥିତି ସୃଷ୍ଟି ହୋଇଗଲାଣି। ଅନେକ କୋମଳମତି ବିଦ୍ୟାର୍ଥୀ ପାଠରୁ ଦୂରେଇ ପାଠ ଭୁଲିଗଲେଣି। ଆଦିବାସୀ ବହୁଳ ଏ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ଭାଷା ଯୁକ୍ତ ପାଠ୍ୟ ଖସଡା ଓ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ହୋଇଥିଲେ। ଉଦାହରଣ ସ୍ୱରୂପ ଛାତ୍ରୀଛାତ୍ରଙ୍କ ବ୍ୟବହାରିକ ଭାଷା ତଥା କିସାନ, ସାଦ୍ରି, ମୁଣ୍ଡା, ଖଡିଆ ଭଳି ଭାଷାରେ ଶିକ୍ଷାଦାନ କରିପାରିବା ଭଳି ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ହୋଇଥିଲେ। ମାତ୍ର ଯେଉଁ ବିଦ୍ୟାଳୟ ଗୁଡିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନଗନ୍ୟ ସେହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅପସରଣ କରି ନିକଟସ୍ଥ ଅପେକ୍ଷାକୃତ ବଡ ବିଦ୍ୟାଳୟକୁ ପଠାଇବାକୁ ସରକାର ନିଷ୍ପତ୍ତି ନେଲେ। ଫଳରେ କମ ସଂଖ୍ୟା ବିଶିଷ୍ଟ ବିଦ୍ୟାଳୟଗୁଡିକ ବନ୍ଦ ହୋଇଗଲା। ବନ୍ଦ ବିଦ୍ୟାଳୟ ଗୁଡିକରେ ତାଲା ଝୁଲୁଛି। ବର୍ତ୍ତମାନ ବନ୍ଦ ବିଦ୍ୟାଳୟ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ଅଛି । କୋଠା, ରୋଷେଇ ଘର, ନଳକୂପ, ପାଚେରୀ ଥିବା ଏହି ବିଦ୍ୟାଳୟ ଗୁଡିକ କାହା କାମରେ ଆସିବ ତାହା ଶିକ୍ଷା ବିଭାଗକୁ ଅଜଣା। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏ ଗୃହ ଗୁଡିକ ଖତ ଖାଇବ ନା ଅନ୍ୟ କିଛି କାମରେ ଆସିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନାବାଳିକାଙ୍କୁ ଅସଦାଚରଣ: ଜଣେ ଗିରଫ

**ରାଉରକେଲା ଅଫିସ, ୫।୨**

ରଘୁନାଥପାଲି ଥାନା ଅନ୍ତର୍ଗତ ରୁପଟୋଲା ବସ୍ତିରେ ଜନୈକା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛନ୍ତି। ବସ୍ତିରେ ନାବାଳିକା ଖେଳୁଥିବା ସମୟରେ ସଞ୍ଜୟ ସିଂ(୫୫) ନାବାଳିକାଙ୍କୁ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଏକ ମାମଲା (ନଂ.୧୬/୨୦୨୧)ରୁଜୁ କରିଛି।

# ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ ୧୬ରେ

**ରାଜଗାଙ୍ଗପୁର, ୫।୨ (ଡି.ଏନ.ଏ)**

**୧୭ ମନ୍ତ୍ରୀ ଓ ଜିଲା ବାହାରର ୬୪ ବିଧାୟକ ମଧ୍ୟ ସୁନ୍ଦରଗଡ଼ ଜିଲା ଗସ୍ତ କରିବେ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସନ୍ତା ୧୬ ତାରିଖରେ ସୁନ୍ଦରଗଡ଼ ଜିଲାର ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୧୭ଜଣ ମନ୍ତ୍ରୀ ଓ ସୁନ୍ଦରଗଡ ଜିଲାର ରାଉରକେଲା ବିଧାୟକ ଶାରଦା ନାଏକ ଓ ରଘୁନାଥପାଲି ବିଧାୟକ ସୁବ୍ରତ ଭୋଇଙ୍କୁ ଛାଡି ଜିଲା ବାହାରର ୬୪ ଜଣ ବିଧାୟକ ସୁନ୍ଦରଗଡ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀମାନଙ୍କ ମଧରେ ସୁଦାମ ମାରାଣ୍ଡି, ଦିବ୍ୟଶଙ୍କର ମିଶ୍ର, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁଶାନ୍ତ ସିଂ, ଅଶୋକ ଚନ୍ଦ୍ର ପଣ୍ଡା, ଅରୁଣ ସାହୁ, ନବ କିଶୋର ଦାସ, ପ୍ରତାପ ଜେନା, ଟୁକୁନି ସାହୁ, ଜଗନ୍ନାଥ ସରକା, ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ପଦ୍ମନାଭ ବେହେରା, ସମୀରରଞ୍ଜନ ଦାସ, ପ୍ରେମାନନ୍ଦ ନାଏକ, ରଘୁନନ୍ଦନ ଦାସ, ନିରଞ୍ଜନ ପୂଜାରୀ, ତୁଷାରକାନ୍ତି ବେହେରା ରହିଥିଲା ବେଳେ ବିଧାୟକଙ୍କ ମଧରେ ବଦ୍ରିନାରାୟଣ ପାତ୍ର, ଅନନ୍ତ ନାରାୟଣ ଜେନା, ଅଶୋକ କୁମାର ବଳ, ବିଜୟଶଙ୍କର ଦାସ, ବ୍ୟୋମକେଶ ରାୟ, ଚନ୍ଦ୍ରସାରଥି ବେହେରା, ଦେବୀରଞ୍ଜନ ତ୍ରିପାଠୀ, ଧ୍ରୁବ ସାହୁ, କିଶୋର ନାଏକ, ରୀତା ସାହୁ, ଦେବେଶ ଆଚାର୍ଯ୍ୟ, ସୀମାରାଣୀ ନାଏକ, ବିକ୍ରମ ପଣ୍ଡା, ପ୍ରଦୀପ ଅମାତ, ମୌସଧି ବାଗ, ଲତିକା ପ୍ରଧାନ, ରାଜେନ୍ଦ୍ର ଢ଼ୋଲକିଆ, ମନୋହର ରାନଧାରୀ, ସାଲୁଗା ପ୍ରଧାନ, ମହୀଧର ରଣା, ଶ୍ରୀକାନ୍ତ ସାହୁ, ରୋହିତ ପୂଜାରୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଭୁ ଜାନୀ, ଅଶ୍ୱିନୀ ପାତ୍ର, ରଘୁନାଥ ପୋଡ଼ଲ, ସ୍ୱରୂପ ଦାଶ, ସୁଧାଂଶୁ ଶେଖର ପଣ୍ଡା, ପର୍ଶୁରାମ ତାଡା, ମିନାକ୍ଷୀ ମହନ୍ତ, ପ୍ରିତମ ପାଢ଼ୀ, ବିଷ୍ଣୁବ୍ରତ ରାଉରାୟ, ପ୍ରଦୀପ ଦିଶାରୀ, କିଶୋର ମହାନ୍ତି, ରମେଶ ଚନ୍ଦ୍ର ସାଇ, ସୂର୍ଯ୍ୟମଣୀ ବୈଦ, ରମେଶ ଚନ୍ଦ୍ର ବେହେରା, ପ୍ରକାଶ ଚନ୍ଦ୍ର ମାଝୀ, ବ୍ରଜକିଶୋର ପ୍ରଧାନ, ସଦାଶିବ ପାଢ଼ାନି, ପୂର୍ଣ୍ଣଚନ୍ଦ୍ର ବାକା, ଭାଗିରଥି ସେଠୀ, ଜଗନ୍ନାଥ ନାଏକ, ସତ୍ୟନାରାୟଣ ପ୍ରଧାନ, ସରୋଜ କୁମାର ମେହେର, ରାଜକିଶୋର ଦାସ, ବାସନ୍ତି ହେମରମ୍, ମୁକେଶ କୁମାର ପାଲ, ପ୍ରମିଳା ମଲ୍ଲିକ, ପ୍ରଣବ ବଳବନ୍ତରାୟ, ପ୍ରଶାନ୍ତ ମୁଦୁଲି, ପ୍ରଶାନ୍ତ କୁମାର ବେହେରା, ପ୍ରଶାନ୍ତ କୁମାର ଯାଦବ, ସୁଧିର ସାମଲ, ସୁଶାନ୍ତ ରାଉତ, ଉମାକାନ୍ତ ସାମନ୍ତରାୟ, ରାଜେନ୍ଦ୍ର କୁମାର ସାହୁ, ସମ୍ବିତ ରାଉତରାୟ, ସଞ୍ଜିବ ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ସୌଭିକ ବିଶ୍ୱାଲ, ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାଏକ, ପ୍ରତାପ କେଶରୀ ଦେବ ରହିଛନ୍ତି। ରାଜଗାଙ୍ଗପୁର ପୌରପରିଷଦ ଦାୟୀତ୍ୱରେ ଅତନୁ ସବ୍ୟସାଚୀ ନାୟକ ରହିଥିଲା ବେଳେ ବ୍ଲକ ଦାୟୀତ୍ୱରେ ରୋହିତ ପୂଜାରୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରଭୁ ଜାନୀ, ଅଶ୍ୱିନୀ ପାତ୍ର, ରଘୁନାଥ ପୋଡ଼ଲ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଓ ତାଙ୍କର ଲୋକପ୍ରିୟତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଜିଲାର ପୌରପରିଷଦ ସ୍ତରରେ ଓ ବ୍ଲକସ୍ତରରେ ବିଭିନ୍ନ ସ୍ଥାନରେ ପ୍ରୋଜେକ୍ଟର ଏଲଇଡି ବ୍ୟବସ୍ଥା କରାଯାଇଅଛି । ଏହି ସୂଚନା ସୁନ୍ଦରଗଡ ଜିଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ଠାରୁ ହସ୍ତଗତ ହୋଇଛି ।

# ହୋଟେଲ ମାଲିକଙ୍କ ମହାନତା

**କୁତ୍ରା, ୫।୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଖାରବେଡା ଡାଲମିଆ କଲେଜ ସମ୍ମୁଖରେ ଗୁରୁବାର ୧୧ଟାରେ ଲୁଟ ହୋଇଥିବା ଭେନେଟି ବ୍ୟାଗଟି ପାଇ ପୋଲିସକୁ ହସ୍ତାନ୍ତର କଲେ ଜଣେ ହୋଟେଲ ମାଲିକ। ସୂଚନା ଅନୁସାରେ ଗୁରୁବାର ୧୧ଟା ବେଳେ ସାଲିଆମେଟା ଗ୍ରାମର ପିଙ୍କି ମିଞ୍ଜ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଡାଲମିଆ କଲେଜ ସମ୍ମୁଖରେ ଏକ ବାଇକରେ ଲୁଟେରାମାନେ ଆସି ଭେନେଟି ବ୍ୟାଗଟି ଲୁଟ୍‌କରି ନେଇଥିଲେ। ଭେନେଟି ବ୍ୟାଗରେ ଥିବା ଟଙ୍କା ଓ ମୋବାଇଲକୁ ଲୁଟେରାମାନେ ନେଇଯିବା ପରେ ବ୍ୟାଗକୁ ଡାଲମିଆ କଲେଜ ସମ୍ମୁଖରେ ଫୋପାଡି ଦେଇ ଚାଲି ଯାଇଥିଲେ । ଶୁକ୍ରବାର ସକାଳେ ଖାରବେଡାର ରଞ୍ଜିତ ସାହୁ ହୋଟେଲ ଖୋଲିବା ପାଇଁ କୁତ୍ରା ଆସୁଥିବା ସମୟରେ ସେ କଲେଜ ବସଷ୍ଟାଣ୍ଡ ସମ୍ମୁଖରେ ଏକ ବ୍ୟାଗ ପଡିଥିବା ଦେଖି ବ୍ୟାଗଟିକୁ ଉଠାଇ ନେଇଥିଲେ । ବ୍ୟାଗରେ ପିଙ୍କି ମିଞ୍ଜଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ, ଭୋଟର କାର୍ଡ ଓ ବିଭିନ୍ନ ସାର୍ଟିଫିକେଟ ଥିବା ଦେଖି ବ୍ୟାଗଟିକୁ କୁତ୍ରା ପୋଲିସକୁ ହସ୍ତାନ୍ତର କରିଥିଲେ। ହୋଟେଲ ମାଲିକ ରଞ୍ଜିତ ସାହୁଙ୍କ ଏହିଭଳି ମହାନ କାମ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି ।

# ସୁନ୍ଦରଗଡ଼ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ


ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

**ସୁନ୍ଦରଗଡ଼,୫।୨(ଡି.ଏନ୍.ଏ):** କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସୁନ୍ଦରଗଡରେ ପହଞ୍ଚି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ମାତା କୁମୁଦିନୀ ତ୍ରିପାଠୀଙ୍କ ବିୟୋଗ ପରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ସହିତ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ତଳସରା ବିଧାୟକ ଭବାନୀ ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାଏକ, ରାଜ୍ୟ କୋଷାଧ୍ୟକ୍ଷ ସୁଦର୍ଶନ ଗୋଏଲ, ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟରଞ୍ଜନ ପଟେଲ ଓ ବ୍ରଜରାଜନଗରର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ପ୍ରମୁଖ ପହଞ୍ଚି ତ୍ରିପାଠୀଙ୍କୁ ତଥା ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଲୁଲଙ୍ଗ ବେଦଖୋଲ ଚାମ୍ପିୟନ

**ଦେବଗଡ଼, ୫।୨(ଡି.ଏନ.ଏ)**


କଟେଇ ଗ୍ରାମରେ ଚାଲିଥିବା ହକି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଟାଇଁସର ଗ୍ରାମ ପଞ୍ଚାୟତର କଟେଇ ଗ୍ରାମରେ ମୋଟ ୩୧ଟି ହକିଦଳକୁ ନେଇ ଚାଲିଥିବା ହକି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କୁଦାଳପାଳ ହକିଦଳ ଓ ଲୁଲଙ୍ଗ ବେଦଖୋଲ ହକିଦଳ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଦାଳପାଳ ହକିଦଳକୁ ଟାଇବ୍ରେକର ଜରିଆରେ ୧–୦ ଗୋଲରେ ପରାସ୍ତ କରି ଲୁଲଙ୍ଗ ବେଦଖୋଲ ହକିଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ସଞ୍ଜୟ ମୁଣ୍ଡା ଓ ପାତ୍ରାସ ମୁଣ୍ଡା ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ଯୁବ ନେତା ଯୋଗେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରେମାନନ୍ଦ ସାମଲ, ନରୋତ୍ତମ ସାହୁ, ପୁରୁଷୋତ୍ତମ ବେହେରା, ପ୍ରେମାନନ୍ଦ ସାହୁ, ଜୟମାସି ଟୁଟୀ ଓ କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଲୁଲଙ୍ଗ ବେଦଖୋଳ ହକି ଦଳକୁ ପାରମ୍ପରିକ ବଡ଼ ଖାସି(ଛେଳି) ଓ ରନର୍ସ ଅପ୍ କୁଦାଳପାଳ ହକି ଦଳକୁ ସାନ ଖାସି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ସେହିପରି ସେମିଫାଇନାଲ ମ୍ୟାଚରେ ପରାଜିତ ହୋଇଥିବା ହକି ଦଳ ଦ୍ୱୟଙ୍କୁ ପୁରସ୍କାର ଭାବେ କୁକୁଡା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜନରେ କଟେଇ ଗ୍ରାମର ଆଦିରାମ ବାଙ୍କିରା, ସୁରେନ୍ଦ୍ର କାଣ୍ଡିର, ଆଲବନ ଏକ୍କା, ବିକା ଟୁଟୀ ଓ ମୋତି ଭେଙ୍ଗରାଜଙ୍କ ସମେତ ଗ୍ରାମର ବହୁ ଗ୍ରାମବାସୀ ସହଯୋଗ କରିଥିଲେ । ଟୁର୍ଣ୍ଣାମେଣ୍ଟ ୧ ତାରିଖରେ ଆରମ୍ଭ ହୋଇଥିଲା।


**OFFICE OF THE EXECUTIVE ENGINEER, L.I. DIVISION, BERHAMPUR**
e-mail: eeolicbam@ymail.com

**e-Procurment Notice**

**Bid Identification No. 08/2020-21 OLIC (BAM)/** Dt.04/02/2021

**No. CAD-1195:-** The Executive Engineer, Lift Irrigation Division, Berhampur on behalf of OLIC invites Percentage Rate bids in single Cover system to be received in Online Mode only for the work "Installation and Energisation of New LIPs/ Revival of Defunct LIPs under different Blocks in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways / C.P.W.D. for execution of Civil Works with valid Electrical (H.T.) License issued by ELBO Odisha as single or having joint venture with proper registration, through On-Line in the Govt. website **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

1. Numbers of Package — 16 Numbers
2. Estimated Cost — Rs.10.788 to 49.23 lakhs
3. Tender Cost — As per DTCN
4. Class of Contractor — As per DTCN
5. Date & time of publication — Dt.10.02.2021 from 11.00 hrs
6. Date & time of closing — Dt.17.02.2021 at 17.00 hrs
7. Date & time of opening of bid — Dt.18.02.2021 at 12.00 A.M.
8. Last date & time of seeking tender clarification — Dt.15.02.2021 at 17.00 P.M.

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender, if any, can be seen in the said website.

OIPR-32311/11/0008/2021 Sd./- EXECUTIVE ENGINEER



**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.**
E-mail: dfoathmallikt@gmail.com Tel: 06763-254236, Mob: +91 9437004236.

Tender Notice No. 02/1F-541/2021 Dated: 2nd February, 2021

**Short Tender Notice For creation of Elephant Proof Trench under State Plan in Divisional Forest Officer, Athmallik Division, Dist.- Angul.**

**No. MM-146:-** Sealed Tender is hereby invited by the undersigned on behalf of the Governor of Odisha, invites Tender for following works from the eligible contractor as detail below.

1. Name of the work : Creation of Elephant Proof Trench of 3.2 Km. (Size 3 mtr X 2.5 mtr X 1 mtr)
2. Place of Work : Madhapur Range (From Beherapada to Mangalpur)
3. Estimated Cost : 17,60,000/-
4. Period of Completion : 30 Days
5. Commencement of download RFP document on website: Dt. 03.02.2021 www.odishaforest.in
6. Due date for submission of pre bid queries through email in standard format: Dt.08.02.2021 dfoathmallikt@gmail.com
7. Date of bid submission (by messenger/courier/post): 16.02.2021 Office of the Divisional Forest Officer, Athmallik Division, PO/PS- Athmallik, Pin-759125, Dist.- Angul.
8. Date of General & Technical and Financial Bid opening: Dt.20.02.2021 Time:12.00 Noon Office of the Divisional Forest Officer, Athmallik Division, PO/ PS- Athmallik, Pin-759125, Dist.- Angul.
9. Contact Person of Queries: Time; 10.00 A.M to 05.00 P.M. Office of DFO, Address, ACF G.S Das Phone; 9777212659, E-mail-dfoathmallikt@gmail.com
10. RFP document Cost (Non-refundable): Rs. 1,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
11. Address for Bid submission-Office of DFO, Athmallik.
12. EMD (Refundable): Rs. 20,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
13. Bid validity period: 2 Months from the last date of submission of Bid.
14. Latest Tender document and addendum/corrigendum, if any, will be published at the websites www.odishaforest.in
15. Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel/withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

Sd./- Divisional Forest Officer, Athmallik Division



**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.**
E-mail: dfoathmallikt@gmail.com Tel: 06763-254236, Mob: +91 9437004236.

Tender Notice No. 01/1F-536/2021 Dated: 2nd February, 2021

**Short Tender Notice For creation of Elephant Proof Trench under State Plan in Divisional Forest Officer, Athmallik Division, Dist.- Angul.**

Sealed Tender is hereby invited by the undersigned on behalf of the Governor of Odisha, invites Tender for following works from the eligible contractor as detail below.

1. Name of the work : Creation of Elephant Proof Trench of 5.4 Km. (Size 3 mtr X 2.5 mtr X 1 mtr)
2. Place of Work : Madhapur Range (From Patrapada to Naktideul)
3. Estimated Cost : 29,70,000/-
4. Period of Completion : 30 Days
5. Commencement of download RFP document on website: Dt. 03.02.2021 www.odishaforest.in
6. Due date for submission of pre bid queries through email in standard format: Dt.08.02.2021 dfoathmallikt@gmail.com
7. Date of bid submission (by messenger/courier/post): 16.02.2021 Office of the Divisional Forest Officer, Athmallik Division, PO/PS- Athmallik, Pin-759125, Dist.- Angul.
8. Date of General & Technical and Financial Bid opening: Dt.20.02.2021 Time:12.00 Noon Office of the Divisional Forest Officer, Athmallik Division, PO/ PS- Athmallik, Pin-759125, Dist.- Angul.
9. Contact Person of Queries: Time; 10.00 A.M to 05.00 P.M. Office of DFO, Address, ACF G.S Das Phone; 9777212659, E-mail-dfoathmallikt@gmail.com
10. RFP document Cost (Non-refundable): Rs. 1,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
11. Address for Bid submission-Office of DFO, Athmallik.
12. EMD (Refundable): Rs. 20,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
13. Bid validity period: 2 Months from the last date of submission of Bid.
14. Latest Tender document and addendum/corrigendum, if any, will be published at the websites www.odishaforest.in
15. Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel/withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

Sd./- Divisional Forest Officer, Athmallik Division

OIPR-08066/11/0001/2021



**Government of Odisha**
**Higher Education Department**

**Spot-II Admission into P.G. Courses of Universities/colleges for the Session 2020-21**

No. N-70:-

**Timeline for Admission**

| Sl# | Items | Timeline |
|---|---|---|
| A | Publication of Merit list against vacancies | 06th Feb 2021 ( 11:00AM) |
| B | Reporting of the candidates of Merit list at their respective Universities/ Colleges | 08th & 09th Feb 2021 |
| C | Preparation and publication of select list out of the reported candidates by respective Universities/Colleges | 10th Feb 2021 ( by 01:00PM) |
| D | Document verification, payment & admission of the candidates from select list | 11th Feb 2021 (by 05:00PM) |
| E | Data updation of admitted students in SAMS portal | 12th Feb 2021 (by 05:00PM) |

**NB: To get more information on the Guidelines for PG admission, visit the website : www.dheodisha.gov.in/samsodisha.gov.in**

OIPR-11001/11/0037/2021 Sd./- Officer-In-Charge, PTC



**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**
**ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No. TT–11:– ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ୨୦୨୦ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତିବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ରାଜ୍ୟର ଯେଉଁ ବ୍ୟକ୍ତିବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭିପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ । ମନୋନୀତ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ.୧,୦୦,୦୦୦/–ଙ୍କାର ଅର୍ଥରାଶି ୨୦୨୧ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୦ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧରେ ହୋଇଥିବା ଆବଶ୍ୟକ । ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ଆବେଦନ/ସୁପାରିଶଗୁଡ଼ିକ ସମ୍ପାଦକ ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୩୧।୦୩।୨୦୨୧ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.sportsodisha.gov.inରେ ଉପଲବ୍ଧ ଅଟେ ।

ସଂପାଦକ
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

OIPR-29001/11/0012/2021

## ୩୧୧ ଛାତ୍ରୀଛାତ୍ର ଦେଲେ ଗଣିତ ମେଧାବୃତ୍ତି ପରୀକ୍ଷା

ବୌଦ୍ଧ,(ସ୍ୱ.ପ୍ର ): ବୌଦ୍ଧ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟରେ ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ଘିବେଲା କେନ୍ଦ୍ର ତତ୍ତ୍ୱାବଧାରକ ଦାୟିତ୍ୱ ତୁଲାଇଥିବା ବେଳେ ବରିଷ୍ଠ ଶିକ୍ଷକ ଟଙ୍କଧର ସାହୁ ଉପ ତତ୍ତ୍ୱାବଧାରକ କାର୍ଯ୍ୟ ତୁଲାଇଥିଲେ । ଷ୍ଟେଜ-୧ ବିଭାଗରେ ଷଷ୍ଠ ଶ୍ରେଣୀର ୨୨୪ ମଧ୍ୟରୁ ୧୯୬ ଜଣ ଓ ଷ୍ଟେଜ-୨ ବିଭାଗର ନବମ ଶ୍ରେଣୀର ୧୨୪ ମଧ୍ୟରୁ ୧୧୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ବିଜୟ କ୍ଷେତି, ଶିକ୍ଷୟିତ୍ରୀ କଲ୍ୟାଣୀ ପାଣିଗ୍ରାହୀ, ରାଜଲକ୍ଷ୍ମୀ ସ୍ୱାଇଁ, ସିଆରସିସି ରାଜ କୁମାର ପ୍ରଧାନ, ସନ୍ତୋଷ କର୍ଣ୍ଣ, ପୂର୍ଣ୍ଣଚନ୍ଦ୍ର କରଡିଆ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ହୃଦ୍‌ରୋଗ ଚିକିତ୍ସା ଶିଶୁ ଗଲେ ଅହମଦାବାଦ

**ବରଗଡ଼ ଅଫିସ୍,୫।୨:** ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ପକ୍ଷରୁ ଶୁକ୍ରବାର ଜିଲାର ୮ଜଣ ଶିଶୁଙ୍କୁ ଅହମଦାବାଦସ୍ଥିତ ସତ୍ୟସାଇ ହାର୍ଟ ହସ୍‌ପିଟାଲକୁ ଅସ୍ତ୍ରୋପଚାର ପାଇ ପଠାଯାଇଛି। ସେମାନଙ୍କ ମଧ୍ୟରେ ଲାଉନସରାର ଯସ୍ମିନ ଭୁଏ, ବନ୍ଦାର ତୁମଲ ସାହୁ, ତୁର୍ଲାର ପରମିତା ବେହେରା, ନୂଆପଡ଼ାର ଶିବ ବରିହା, ପାଇକମାଳ ବିଜୟ ନଗରର ଗାୟତ୍ରୀ ଧରୁଆ, ସାପଲହରର ସୁନୟନା ମହାନନ୍ଦ, କୁର୍ଲୁପାଲିର ହାର୍ଦ୍ଦିକ ପଟେଲ ରହିଛନ୍ତି । ଏହି ଶିଶୁମାନଙ୍କୁ ଶୁକ୍ରବାର ପୁରୀ-ଆଜମିର ଟ୍ରେନ ଯୋଗେ ସେମାନଙ୍କ ମା, ବାପାଙ୍କ ସହିତ ସତ୍ୟସାଇ ହାର୍ଟ ହସପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି । ତାଙ୍କ ସହିତ ଆବିଏସକେର ଡା. ସୁନୀଲ ନାୟକ ଯାଇଛନ୍ତି । ସେଠାରେ ଶିଶୁମାନଙ୍କ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି ଆର୍‌ବିଏସ୍‌କେ ମ୍ୟାନେଜର ରାକେଶ ମହାପାତ୍ର ସୂଚନା ଦେଇଛନ୍ତି ।

### ଅଭିଯୁକ୍ତଙ୍କୁ ଗିରଫ ଦାବି, ଏସ୍‌ପିଙ୍କୁ ଫେରାଦ

**ବରଗଡ଼ ଅଫିସ୍,୫।୨:** ବରଗଡ଼ ଜିଲା ଗାଇସିଲେଟରେ ଗତମାସ ୨୪ତାରିଖରେ ଏକ ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନାହିଁ। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଆହତଙ୍କ ପରିବାର ତଥା ପଡ଼ାବାସୀ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଫେରାଦ ହୋଇ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ନିବେଦନ କରିଛନ୍ତି । ପ୍ରକାଶ ଯେ, ଘଟଣା ଦିନ ସନ୍ଧ୍ୟା ସମୟରେ ଗାଇସିଲେଟର ୨ ଭାଇ କବିରାଜ ବେହେରା ଓ ରଶ୍ମିରଞ୍ଜନ ବେହେରା ଉକ୍ତ ଗ୍ରାମର ରାଜେନ୍ଦ୍ର ମେହେରଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ଭିମସାର୍ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପଟେ ପୋଲିସ କେବଳ ରଶ୍ମିରଞ୍ଜନଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କବିରାଜ ଅନାୟାସରେ ବୁଲାବୁଲି କରୁଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଇ ନ ଥିବା ରାଜେନ୍ଦ୍ରଙ୍କ ମା’ କୈକେୟୀ ଅଭିଯୋଗ କରିଛନ୍ତି।

### ମିଶନ ଶକ୍ତି ଋଣମେଳା

**ଲୋଇସିଂହା,୫।୨(ଡି.ଏନ.ଏ):** ଆଗଲପୁର ବ୍ଲକ ଡୁଡୁକାଠାରେ ସ୍ଥାନୀୟ ଏସବିଆଇ ଶାଖା ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ମିଶନଶକ୍ତି ଓ ଓଡିଶା ଜୀବିକା ମିଶନ ମିଳିତ ଆନୁକୂଲ୍ୟରେ ମିଶନ ଶକ୍ତି ଋଣ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମେଳାରେ ବ୍ଲକର ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ମେଳାରେ ସିଡିପିଓ ଜ୍ୟୋର୍ତିମୟୀ ନାୟକ ଅଧକ୍ଷତା କରିଥିଲେ । ଏଥିରେ ଏସବିଆଇ ମୁଖ୍ୟ ଶାଖା ପରିଚାଳକ ଶମ୍ଭୁ ଭୂଷଣ ମିଶ୍ର, ଶାଖା ପରିଚାଳକ କେ. ଭୀମା ପ୍ରଧାନ, କ୍ଷେତ୍ର ଅଧିକାରୀ ଗୋକୁଳାନନ୍ଦ କାର୍ଡିଆ ଅତିଥି ଭାବେ ଯୋଗ ଦେଇଥିଲେ। ଋଣକୁ ଠିକ ସମୟରେ ପରିଶୋଧ କରି ଅଧିକରୁ ଅଧିକ ଋଣ ନେଇ ସଶକ୍ତ ହେବାକୁ ଅତିଥିମାନେ ମହିଳାଙ୍କୁ ପରାମର୍ଶ ଦେଇଥିଲେ । ମିଶନ ଶକ୍ତି ବ୍ଲକ ସଂଯୋଜକ ସଚିଦାନନ୍ଦ ଷଡଙ୍ଗୀ ସଭା କାର୍ଯ୍ୟ ସଂଯୋଜନ କରିଥିଲେ। ମେଳାରେ ବ୍ଲକର ୬୯ ଏସଏଚଜି ଅଂଶଗ୍ରହଣ କରିଥିଲେ ।

### ହ୍ୱାଟସ ଆପ୍‌ରେ ବ୍ଲାକ୍‌ମେଲିଂ କରି ଯୁବକ ଗିରଫ

**ଭବାନୀପାଟଣା, ୫।୨ (ଡି.ଏନ.ଏ.):** ଭବାନୀପାଟଣାର ସହରର ଜଣେ ନାବାଳିକାଙ୍କୁ ନୟାଗଡ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ପୋଇବାଡି ଗ୍ରାମର ଜିତେନ୍ଦ୍ର ବେହେରା (୨୬) ହ୍ୱାଟସ ଆପ୍‌ରେ ବ୍ଲାକମେଲିଂ କରି ଗିରଫ ହୋଇଛନ୍ତି। ଉଭୟଙ୍କ ମଧରେ ହ୍ୱାଟସ ଆପ୍‌ରେ ବନ୍ଧୁତା ପରେ ମୋବାଇଲରେ ନିୟମିତ ଚାଟିଂ କରିବା ସହିତ ଭିଡିଓ କଲ୍ କଥା ହୋଇଥିଲେ। ନାବାଳିକାଙ୍କ ସରଳତା ସୁଯୋଗ ନେଇ ଜିତେନ୍ଦ୍ର କିଛି ଆପତ୍ତିଜନକ ଫଟୋ ମୋବାଇଲରେ ସଂଗ୍ରହ କରିଥିଲେ। ପରେ ଉକ୍ତ ଫଟୋ ଏବଂ ଭଏସ୍‌କଲକୁ ନେଇ ଉକ୍ତ ନାବାଳିକାକୁ ବାରମ୍ବାର ଫୋନ୍ କରିବା ଓ ଅଶ୍ଳୀଳ ମେସେଜ୍ ଦେଇ ବ୍ଲାକମେଲିଂ କରିଥିଲା। ଏ ସମ୍ପର୍କରେ ନାବାଳିକା ମା’ବାପାଙ୍କୁ ଜଣାଇଥିଲେ। ଗତ ୨ ତାରିଖରେ ପରିବାର ଲୋକେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ଟାଉନ ଥାନା ପୋଲିସ ଜିତେନ୍ଦ୍ରଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଥିଲା। ଭବାନୀପାଟଣା ଆଣି ୪ ତାରିଖରେ କୋର୍ଟ ଚାଲାଣ କରିଛି।

# ମଣ୍ଡିରେ ଧାନ ରଖି ଅଫିସ ଦୌଡୁଛନ୍ତି ଚାଷୀ

**ବଲାଙ୍ଗୀର ଅଫିସ, ୫।୨**



ଉପରବାହାଲ ଗ୍ରାମର ଚାଷୀମାନେ ଟୋକନ୍ ଧରି ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ।

**ବଲାଙ୍ଗୀର ଜିଲାରେ ଧାନକିଣା ଅବ୍ୟବସ୍ଥା**

ଚଳିତବର୍ଷ ଧାନକିଣା ଅବ୍ୟବସ୍ଥା ଚରମ ସ୍ଥିତିରେ ପହଞ୍ଚିଛି । ଧାନକିଣା ପ୍ରକ୍ରିୟାକୁ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଜିଲାର ଅନେକ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଥିବା ଅଭିଯୋଗ ହେଉଛି । ଧାନ ଟାର୍ଗେଟ ଆସୁ ନ ଥିବାରୁ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ପଞ୍ଜୀକୃତ ଓ ଟୋକନ୍ ପାଇଥିବା ଚାଷୀ ମଣ୍ଡିକୁ ଧାନ ଆଣିବାର ପ୍ରାୟ ଏକ ମାସ ସମୟ ହୋଇ ଯାଇଥିଲେ ମଧ ସେମାନଙ୍କ ଧାନ ବିକ୍ରି ହେଉ ନ ଥିବା ଜଣାପଡିଛି ।

ଶୁକ୍ରବାର ଜିଲାର ବଡଟିକା, ବେନ୍ଦ୍ରା ଓ ବାଦୀମୁଣ୍ଡା ପ୍ୟାକ୍ସର ଚାଷୀମାନେ ଜିଲା ଯୋଗାଣ କାର୍ଯ୍ୟାଳୟ, ଏଆରସିଏସ୍, ଡିଆରସିଏସ୍ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କ ଧାନ ବିକ୍ରି ନ ହେବା ନେଇ ଅଭିଯୋଗ କରିଛନ୍ତି । ବଡଟୀକା ପ୍ୟାକ୍ସର ଚାଷୀମାନେ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆସି ସହକାରୀ ଯୋଗାଣ ଅଧିକାରୀ ବୀରକିଶୋର ମରାଣ୍ଡିଙ୍କୁଭେଟିଅଭିଯୋଗଜଣାଇଥିଲେ। ଚାଷୀମାନେ ଟୋକନ୍ ପାଇବା ସତ୍ତ୍ୱେ ସେମାନଙ୍କ ଧାନ କାହିଁକି କିଣାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ । ଧାନବିକ୍ରି ପାଇଁ ପ୍ୟାକ୍ସ ସମ୍ପାଦକଙ୍କୁ କହିଲେ ଟାର୍ଗେଟ ନ ଥିବା କାରଣରୁ ଧାନ ଉଠାଯାଉନାହିଁ ବୋଲି ସେ କହୁଛନ୍ତି। ଯଦି ଟାର୍ଗେଟ ନାହିଁ ତେବେ ଚାଷୀଙ୍କୁ କିଭଳି ଭାବେ ଟୋକନ୍ ବଣ୍ଟନ କରାଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଏହାବାଦ୍ ଚାଷୀମାନେ ଧାନ ମଣ୍ଡିରେ ରଖି ବାରମ୍ବାର ଜିଲା ଯୋଗାଣ ଅଫିସ, ଏଆରସିଏସ୍ ଅଫିସକୁ ଦୌଡି ନୟାନ୍ତ ଓ ଖର୍ଚ୍ଚାନ୍ତ ହୋଇଗଲେଣି ବୋଲି କହିଥିଲେ । ଯଦି ସରକାର ଧାନକିଣି ପାରିବେ ନାହିଁ ତେବେ ଘୋଷଣା କରିଦିଅନ୍ତୁ ବୋଲି ସେମାନେ କହିଥିଲେ । ଏହାବାଦ୍ ମିଲର୍ସମାନେ ମଧ ଟାର୍ଗେଟ ଆଳ ଦେଖାଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଏସିଏସ୍‌ଓ ମରାଣ୍ଡି ଏସମ୍ପର୍କରେ ଲିଖିତ ଦରଖାସ୍ତ ଦେବାକୁ କହିଥିଲେ । ଚାଷୀମାନେ ଏ ନେଇ ଲିଖିତ ଭାବେ ଜଣାଇଥିଲେ । ବାଦୀମୁଣ୍ଡା ପ୍ୟାକ୍ସ ଅନ୍ତର୍ଗତ ଉପରବାହାଲ ଗ୍ରାମର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ଏଆରସିଏସ୍ ଅଫିସକୁ ଯାଇ କୌଣସି ପ୍ରତିଶ୍ରୁତି ନ ପାଇବା ପରେ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଉପଜିଲାପାଳ କାର୍ଯ୍ୟାଳୟରେ ଉପଜିଲାପାଳଙ୍କୁ ଅପେକ୍ଷା କରିଥିଲେ । ବାଦୀମୁଣ୍ଡା ପ୍ୟାକ୍ସରେ ଯେଉଁ ଚାଷୀମାନଙ୍କୁ ଜାନୁୟାରୀ ୧୦ ତାରିଖରେ ଟୋକନ୍ ଇସ୍ୟୁ କରାଯାଇଥିଲା ସେମାନଙ୍କ ଧାନ ଆଜି ପର୍ଯ୍ୟନ୍ତ କିଣାଯାଇନାହିଁ ବୋଲି କହିଥିଲେ । ଆଉ ମାତ୍ର ୩ ଦିନ ପରେ ଉକ୍ତ ଟୋକନ୍ ସବୁ ରଦ୍ଦ ହୋଇଯିବ ବୋଲି ସେମାନେ କହିଥିଲେ । ଏଭଳି ପରିସ୍ଥିତିରେ ଚାଷୀମାନେ କେତେଥର ଗାଁରୁ ମଣ୍ଡି ଓ ଜିଲା ସଦର ମହକୁମାର ଅଫିସକୁ ଦୌଡୁଥିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝିଙ୍କୁ ପଚରାଯିବାରୁ ଜିଲାରୁ ଏପର୍ଯ୍ୟନ୍ତ ୩୫ ଲକ୍ଷ କୁଇଣ୍ଟାଲ ଧାନ ଉଠାଯାଇ ସାରିଛି । ଆହୁରି କିଛି ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରୟ ପାଇଁ ପଡିଛି । ତାକୁ ଉଠାଇବା ପାଇଁ ଆହୁରି ୫ ଲକ୍ଷ କୁଇଣ୍ଟାଲ ଟାର୍ଗେଟ ଆବଶ୍ୟକ ବୋଲି ସେ କହିଛନ୍ତି । ଏନେଇ ସରକାରଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ




ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ବଘିଆପଡା,୫।୨(ଡି.ଏନ.ଏ)**

**ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ**

ବୌଦ୍ଧ ଜିଲା ବଘିଆପଡା ପାଲଝରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ୧୭ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପବନ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥୀ କେନ୍ଦ୍ର ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ସଫଳ ପରୀକ୍ଷଣଗୁଡିକୁ ନିଜ ନିଜ ବିଭାଗ ଜରିଆରେ ପ୍ରଚାର ପ୍ରସାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅଟାରି ଜୋନ-୫ କଲିକତାର ପ୍ରମୁଖ ବୈଜ୍ଞାନିକ ଡ. ଫିରୋଜ ରହମନ ଅନ୍‌ଲାଇନରେ କୃଷି ଓ ଆନୁଷଙ୍ଗିକ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ପ୍ରମୁଖ ପ୍ରତିଷ୍ଠାନ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଭୁବନେଶ୍ୱର ମୁଖ୍ୟ ଡ. ଗୋବିନ୍ଦ ଆଚାର୍ଯ୍ୟ ଓ ଭାରତୀୟ ଜଳ ପରିଚାଳନା ସଂସ୍ଥାର ପ୍ରମୁଖ ବୈଜ୍ଞାନିକ ଡ. ମଧୁମିତା ଦାସ ମଧ୍ୟ ଅନ୍‌ଲାଇନରେ ବର୍ଷାଦିନିଆ ପିଆଜ ଚାଷ, କଖାରୁ, ତରଭୁଜ ଓ ଟମାଟୋ ସଂରକ୍ଷଣ ଏବଂ ବ୍ୟବସାୟିକ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଜିଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ସାରଦା ପ୍ରସାଦ ମିଶ୍ର, ଉପନିର୍ଦ୍ଦେଶକ ଜାତୀୟ ଉଦ୍ୟାନ ଗବେଷଣା କେନ୍ଦ୍ର ପାଲଝର ଡ. ରଜନୀଶ ମିଶ୍ର, ଜିଲା ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅମିତାଭ ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦୀପ୍ତି ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକା ଜ୍ୟୋତିରେଖା ମଲ୍ଲିକ, ସସ୍ମିତା ପ୍ରିୟଦର୍ଶିନୀ, ସୁଶ୍ରୀ ମୟୂରୀ ସିଂହ ସରଦାର ଓ ହରିପ୍ରିୟା ସେଠୀ ସହଯୋଗ କରିଥିଲେ।

## ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କଲେ ନରସିଂହ ମିଶ୍ର

**ବଲାଙ୍ଗୀର ଅଫିସ, ୫।୨**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋ ସ୍କୁଲ ଅଭିଯାନ ଯୋଜନା ଅନ୍ତର୍ଗତ ପୌଷ୍ୟ ସ୍କୁଲ ଗ୍ରହଣ କାର୍ଯ୍ୟକ୍ରମ ଅନୁସାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ ଏବଂ ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ସରକାରୀ ପଞ୍ଚାୟତ ହାଇସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି। ଏହି ଉଭୟ ହାଇସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ନେଇ ଜାନୁୟାରୀ ୨୮ ତାରିଖ ଦିନ ବିଭାଗକୁ ଚିଠି ମାଧ୍ୟମରେ ସେ ଜଣାଇଥିଲେ । ଉଭୟ ସ୍କୁଲର ଭିତ୍ତିଭୂମି ସାଙ୍ଗକୁ ସ୍କୁଲର ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଉନ୍ନତି କରାଯିବ ବୋଲି ସେ କହିଛନ୍ତି। ଉଭୟ ହାଇସ୍କୁଲ ବହୁ ପୁରାତନ ଓ ଏଠାରୁ ଅନେକ କୃତୀ ଛାତ୍ର ବାହାରିଛନ୍ତି ଯେଉଁମାନେ ରାଜ୍ୟ ପ୍ରଶାସନ ତଥା ସରକାରଙ୍କ ବିଭିନ୍ନ ଉଚ୍ଚ ପଦପଦବୀରେ ରହି ଅଞ୍ଚଳକୁ ସେବା ପ୍ରଦାନ କରିଛନ୍ତି । ସେ ନିଜେ ମଧ ପୃଥ୍ୱୀରାଜ ହାଇସ୍କୁଲରେ ଶିକ୍ଷାଗ୍ରହଣ କରିଥିବାରୁ ବର୍ତ୍ତମାନ ମୋ ସ୍କୁଲ ଅଭିଯାନରେ ନିଜ ସ୍କୁଲକୁ ପୌଷ୍ୟ ଭାବରେ ଗ୍ରହଣ କରିଥିବାରୁ ଗର୍ବିତ ବୋଲି କହିଛନ୍ତି । ଏହି ଉଭୟ ହାଇସ୍କୁଲକୁ ସାରା ରାଜ୍ୟରେ ଉଦାହରଣ ସୃଷ୍ଟି କଲା ଭଳି ଆଦର୍ଶ ସ୍କୁଲରେ ପରିଣତ କରାଯିବ ବୋଲି ବିଧାୟକ ମିଶ୍ର ପ୍ରେସବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ସଚିବଙ୍କ ଗସ୍ତ ପରେ ବଢ଼ିଲା ଚିନ୍ତା

**ଜହ୍ନାପଙ୍କ,୫।୨(ଡି.ଏନ.ଏ)**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ପରିଦର୍ଶନରେ ଆସିଥିଲେ। ତାଙ୍କ ସହିତ ଗଣଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ସନାତନ ପଣ୍ଡା, ବୌଦ୍ଧ ଜିଲା ଶିକ୍ଷାଧିକାରୀ ଗେନ୍ଦେରା କୁଜୁର ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ ମଧ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ନେଇ ଶିକ୍ଷକମାନଙ୍କ ସହିତ ସଚିବ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ, ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉତ୍କର୍ଷ ବିଦ୍ୟାଳୟ ଭାବେ ସରକାର ଘୋଷଣା କରିଛନ୍ତି। କିନ୍ତୁ ଉତ୍କର୍ଷ ବିଦ୍ୟାଳୟ ପାଇଁ ଯେଉଁ ଭିତ୍ତିଭୂମି ଆବଶ୍ୟକ ତାହା ଆଦୌ ପୂରଣ ହୋଇନାହିଁ । ଏହି ସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ, ଗଣିତ, ହିନ୍ଦୀ, ସଂସ୍କୃତ ଶିକ୍ଷକ, କିରାଣୀ, ପିଅନ ସହିତ ଆଉ କେତୋଟି ଶିକ୍ଷକ ପଦବୀ ଖାଲି ରହିଛି। ଏଭଳି ସ୍ଥିତିରେ କିପରି ଶହେ ପ୍ରତିଶତ ଫଳାଫଳ ହେବ ସେ ନେଇ ଶିକ୍ଷକ ଓ ଅଭିଭାବକ ମହଲରେ ଚିନ୍ତା ବଢ଼ିଛି । କରୋନା ପାଇଁ ୯ ମାସ ପରେ ସ୍କୁଲ ଖୋଲିଲା । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍କୁଲ ଯିବାକୁ ନେଇ ଆଗ୍ରହ ରହିଛି। କିନ୍ତୁ ପିଲା ସଂଖ୍ୟା ତୁଳନାରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ କିଭଳି ହେବ ସେ ନେଇ ଛାତ୍ରୀଛାତ୍ରମାନେ ଆଲୋଚନା କରୁଛନ୍ତି। ସେହିପରି ମାଟ୍ରିକ ପରୀକ୍ଷା ପୂର୍ବରୁ ଆଉ ଦୁଇ ଜଣ ଶିକ୍ଷକ ଅବସର ନେବାକୁ ଥିବାରୁ ଏହା ଶିକ୍ଷା ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି।

## କୁମୁଦିନୀଙ୍କ ପାଇଁ ଭତ୍ତା ସାତସପନ

**ବୌଦ୍ଧ/ଜହ୍ନାପଙ୍କ,୫।୨ (ସ୍ୱ.ପ୍ର/ଡି/ଏନ/ଏ)**



କୁମୁଦିନୀ ନାଏକ।

ବୌଦ୍ଧ ବ୍ଲକ ତାଳସରଡା ଗ୍ରାମପଞ୍ଚାୟତ ମାନେସର ଗାଁରେ ରହୁଛନ୍ତି କୁମୁଦିନୀ ନାଏକ(୬୭) ଓ ତାଙ୍କ ସ୍ୱାମୀ କାର୍ତ୍ତିକ ନାଏକ। ଏହି ପରିବାରକୁ ପଞ୍ଚାୟତରୁ ୧୦ କେଜି ଚାଉଳ ଓ କାର୍ତ୍ତିକଙ୍କୁ ୫୦୦ ଟଙ୍କା ଭତ୍ତା ମିଳୁଛି । ବର୍ତ୍ତମାନ ସମୟରେ ଏତିକିରେ ଦୁଇ ପ୍ରାଣୀ ଚଳିବା କଷ୍ଟକର ହୋଇପଡିଛି । ବାର୍ଦ୍ଧକ୍ୟ ଯୋଗୁ ଉକ୍ତ ଦମ୍ପତି ଠିକ୍ ଭାବେ କାମ କରିପାରୁନାହାନ୍ତି। ଭତ୍ତା ପାଇଁ କୁମୁଦିନୀ ପଞ୍ଚାୟତରୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳିନାହିଁ । ଏ ନେଇ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୌଦାମିନୀ ନାଏକଙ୍କୁ ପଚାରିବାରୁ ଆମେ ବ୍ଲକକୁ ପଠାଇଥିଲୁ। କିନ୍ତୁ ବ୍ଲକ ପକ୍ଷରୁ କୁମୁଦିନୀଙ୍କ ବୟସ ହୋଇ ନ ଥିବା କହି ଭତ୍ତା ଫର୍ମ ଫେରାଇ ଦେଇଥିବା ପ୍ରକାଶ କରିଥିଲେ।

## ଅଧାରୁ ଅଟକିଲା ଶାନ୍ତି ସଭା



ଜଗନ୍ନାଥ ମନ୍ଦିର ବିବାଦ ଘଟଣା ସମାଧାନ ପାଇଁ ଆସିଥିବା ପୋଲିସ, ପ୍ରଶାସନିକ ଅଧିକାରୀ।

**ଅତାବିରା, ୫।୨ (ଡି.ଏନ.ଏ)**

**ଜଗନ୍ନାଥ ମନ୍ଦିର ବିବାଦ ଘଟଣା**

ବରଗଡ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ବିବାଦ ଘଟଣାର ସମାଧାନ ହୋଇପାରିନାହିଁ। ଶୁକ୍ରବାର ପ୍ରଶାସନିକ ଅଧିକାରୀମାନେ ଉଦେପୁର ଗାଁକୁ ପହଞ୍ଚି ଶାନ୍ତି ସଭା କରିଥିଲେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ରହିଛି। ଶୁକ୍ରବାର ଜଗନ୍ନାଥ ମନ୍ଦିର ବିବାଦ ଘଟଣାର ସମାଧାନ ପାଇଁ ପୋଲିସ, ପ୍ରଶାସନିକ ଅଧିକାରୀ ଉଦେପୁରରେ ପହଞ୍ଚିଥିଲେ। ଭେଡେନ ତହସିଲଦାର ଅନିଲ ହୋତା, ଏସ୍‌ଡିପିଓ ଦୀପକ କୁମାର, ଆଇଆଇସି ହେମନ୍ତ କୁମାର ରାଓ, ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତ, ଗୌନ୍ତିଆ ମଦନମୋହନ ଦାଶ, ପ୍ରଶନ୍ନ ଆଚାର୍ଯ୍ୟ, ସରପଞ୍ଚ ପ୍ରତିନିଧି ତଷୋବନ୍ତ ସାହୁ, ୱାର୍ଡ ମେମ୍ବର ପ୍ରତିନିଧି ନୀଳମଣି ବେହେରା, ଶୁକ୍ର ସେଟ, ସୁଦାମ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଗତ ଅଢ଼େଇ ମାସ ହେଲା ଫେରାର ଥିବା ପୂଜକ ପରୀକ୍ଷିତ ପୁରୋହିତ, ଅରୁଣ ପାତ୍ର ମଧ ଉପସ୍ଥିତ ରହିଥିଲେ। ସଭା ଆରମ୍ଭରୁ ଚାପା ଉତ୍ତେଜନା ପ୍ରକାଶ ପାଇବାରୁ ଅଧିକାରୀମାନେ ବୈଠକ କରି ନ ପାରି ଫେରିଯାଇଥିଲେ।

# ତଦନ୍ତ ଆରମ୍ଭ କଲେ ଜିଲା ମୁଖ୍ୟ କୃଷି ଅଧିକାରୀ

**ବଲାଙ୍ଗୀର ଅଫିସ, ୫।୨**

**ଜିଲା କୃଷି ଅଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ**

ବଲାଙ୍ଗୀର ଜିଲା କୃଷି ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ମହିଳା ଭିଏଲଡବ୍ଲୁଙ୍କୁ ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ପାଢ଼ୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ମହିଳା ଭିଏଲଡବ୍ଲୁ ଜଣକ ତାଙ୍କ ନାମ ଗୋପନ ରଖି ଜିଲା କୃଷି ଅଧିକାରୀ ପାଢ଼ୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗପତ୍ର ପାଇବା ପରେ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯୋଗର ପ୍ରାଥମିକ ତଦନ୍ତ ଗୁରୁବାର ସରିଥିବା ଜଣାପଡିଛି।

ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କୁ ପଚରାଯିବାରୁ କୃଷି ନିର୍ଦ୍ଦେଶକଙ୍କ ଠାରୁ ତଦନ୍ତ ନିର୍ଦ୍ଦେଶ ପାଇବା ପରେ ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୋଗପତ୍ରରେ ମହିଳା ଭିଏଲଡବ୍ଲୁ ନିଜ ନାମ ଉଲ୍ଲେଖ କରି ନ ଥିବାରୁ ତଦନ୍ତ ବେଳେ ଜିଲା କୃଷି ଅଧିକାରୀଙ୍କ ଅଧୀନରେ ଥିବା ସମସ୍ତ ମହିଳା ଭିଏଲଡବ୍ଲୁ ଓ ଅନ୍ୟ କର୍ମଚାରୀଙ୍କୁ ଡାକି ପଚରାଉଚରା କରାଯାଇଥିବା ଜଣାଇଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ଅନ୍ୟ ଭିଏଲଡବ୍ଲୁ ଓ କର୍ମଚାରୀଙ୍କୁ ପଚରାଉଚରା କରାଯାଇ କୃଷି ନିର୍ଦ୍ଦେଶକଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ଜିଲା କୃଷି ଅଧିକାରୀ ପାଢ଼ୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ତାଙ୍କ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ମୋବାଇଲ ରିଙ୍ଗ ହେବା ସତ୍ତ୍ୱେ ସେ ଉଠାଇ ନ ଥିବାରୁ ତାଙ୍କ ମତାମତ ମିଳି ପାରିନାହିଁ । ଏହା ପୂର୍ବରୁ ମଧ ଜଣେ ମହିଳା କର୍ମଚାରୀ ଜିଲା କୃଷି ଅଧିକାରୀ ପାଢ଼ୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ କରିଥିଲେ ।

# ସରକାରୀ ଯୋଜନା ଏଠି ସାତସପନ

**କଣ୍ଟାବାଞ୍ଜି, ୫।୨(ଡି.ଏନ.ଏ.)**



ଡଙ୍ଗାମରା ଗାଁ ଲୋକେ।

**ଡଙ୍ଗାମରା ଗାଁ**
- ରାଜସ୍ୱ ଗ୍ରାମ ମାନ୍ୟତା ମିଳୁନି
- ଜଙ୍ଗଲ ଜମିରେ ରହୁଥିବାରୁ ମୌଳିକ ସୁବିଧାରୁ ବଞ୍ଚିତ
- ରାସ୍ତା, ପାନୀୟ ଜଳ ସୁବିଧା କରାଯିବ କହିଲେ ସରପଞ୍ଚ

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବଡଡକଲା ପଞ୍ଚାୟତର ମାଓବାଦୀ ପ୍ରବଣ ଡଙ୍ଗାମରା ଗାଁ। ଗାଁରେ ଅଧିକାଂଶ ଲୋକ ଆଦିବାସୀ ସମ୍ପ୍ରଦାୟର। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷ କରି ଗ୍ରାମବାସୀ ଜୀବିକା ନିର୍ବାହ କରନ୍ତି। ବଣ ପାହାଡଘେରା ଏହି ଗାଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ରହିଛି। ଗାଁକୁ ରାସ୍ତା ନାହିଁ, ଲୋକେ ଆଜି ବି ନାଳ, ଚୁଆ ପାଣି ବ୍ୟବହାର କରନ୍ତି। ଡିବିରି ଆଲୁଅ ଉପରେ ଆଜି ବି ନିର୍ଭରଶୀଳ ଡଙ୍ଗାମରାବାସୀ। ଶିକ୍ଷା, ସ୍ୱାସ୍ଥ୍ୟସେବା କଥା ନ କହିଲେ ଭଲ।

ଧୁଣ୍ଡେଲ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ରହିଛି ଡଙ୍ଗାମରା ଗାଁ। ବରିହାମୁଣ୍ଡା, ପହରିଆପଡା, ଗୁହୁରିଆପଡା, ଡଙ୍ଗାମରାକୁ ନେଇ ଗଠିତ ଏହି ଗାଁରେ ମୋଟ ୨୦୦ ପରିବାର ବାସ କରନ୍ତି। ଅଦ୍ୟାବଧି ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନ ଥିବାରୁ କୌଣସି ସରକାରୀ ଯୋଜନା ଏଠାରେ କାର୍ଯ୍ୟକାରୀ କରାଯାଇ ପାରୁନାହିଁ। ନିଜସ୍ୱ ଉଦ୍ୟମରେ ଯିଏ ଯେମିତି ଘର, ବାଡି କରିଛନ୍ତି। ୩୦ରୁ ୪୦ ପ୍ରାଥମିକ ଶିକ୍ଷା ପାଇବା ପାଇଁ ଯୋଗ୍ୟ ପିଲା ଥିଲେ ବି ଶିକ୍ଷାଦାନର କୌଣସି ବ୍ୟବସ୍ଥା ନାହିଁ । ପ୍ରାଥମିକ ଶିକ୍ଷା ପାଇଁ ୬ କିମି ଦୂର ବଡଡକଲା ଆଶ୍ରମ ସ୍କୁଲ, ୪ କିମି ଦୂର ଡମନିଚୁଆଁ କିମ୍ବା ପାହାଡ ଚଢି ସୀମାନ୍ତ ନୂଆପଡା ଜିଲା କୋମନା ବ୍ଲକର ବଣ୍ଡାଯୋର ଗାଁକୁ ପଢିବା ପାଇଁ ଯାଆନ୍ତି। ଗାଁରେ ଗୋଟିଏ ହେଲେ ନଳକୂପ ନାହିଁ। ଫଳରେ ଚାଷ ଜମିରେ ଚୁଆ ଖୋଳି ପାଣି ବ୍ୟବହାର କରନ୍ତି। ଖରାଦିନେ ଚୁଆ ଶୁଖିଗଲେ ୬/୭ କି.ମି. ଦୂର ଡବଲା ଯୋର ନାଳ ପାଣିକୁ ଗ୍ରାମବାସୀ ସ୍ନାନଶୌଚ ଓ ପିଇବାରେ ବ୍ୟବହାର କରିଥାନ୍ତି। ଆଜି ବି ସ୍ୱାସ୍ଥ୍ୟସେବା ପାଇଁ କ୍ୱାକ୍‌ଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ରୋଗ ଗୁରୁତର ହେଲେ ବଡଡକଲାସ୍ଥିତ ଆର୍ୟୁର୍ବେଦିକ ଚିକିତ୍ସା କେନ୍ଦ୍ର, ୨୦ କିମି ଦୂର ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ନୂଆପଡା ଜିଲା କୋମନା ସିଏଚସିକୁ ଯାଇଥାନ୍ତି। କୌଣସି ଆଶାକର୍ମୀ ନ ଥିବାରୁ ଗର୍ଭବତୀ ଓ ପ୍ରସୂତି ମହିଳା ଡାକ୍ତରୀ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଜଙ୍ଗଲ ଜମି ପଟ୍ଟା ମିଳିଥିଲେ ସୁଦ୍ଧା ଜଙ୍ଗଲ ଜମିରେ କୌଣସି ସରକାରୀ ଉନ୍ନୟନ କାମ କରାଯାଇ ପାରୁନାହିଁ। ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କା ଘର ଡଙ୍ଗାମରା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି।



“ ଡଙ୍ଗାମରା ବଡଡକଲା ଗାଁର ପାଲି ଗାଁ । ଜଙ୍ଗଲ ଜମିରେ ଲୋକେ ଗତ ୫ଦଶନ୍ଧି ଧରି ରହି ଆସୁଛନ୍ତି। ସଂରକ୍ଷିତ ଜଙ୍ଗଲରେ ଗାଁ ରହିଥିବାରୁ ରାସ୍ତା ନିର୍ମାଣ ପାଇଁ ବନ ବିଭାଗ ଅନୁମତି ଦେଉନାହିଁ। ତଥାପି ଚଳିତ ବର୍ଷ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମାଟିକାମ ଏବଂ ପିଇବା ପାଣି ବ୍ୟବସ୍ଥା କରାଯିବ। ବିଦ୍ୟୁତ୍ ନ ଥିବାରୁ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏ ନେଇ ବ୍ଲକ ପ୍ରଶାସନର ସହଯୋଗ ଲୋଡାଯିବ ।

**-ଧନସିଂ ମାଝି, ସରପଞ୍ଚ**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୬ ଫେବୃୟାରୀ, ୨୦୨୧

## ଆଜି ଚାଷୀ ସଙ୍ଗଠନର ରାସ୍ତାରୋକୋ

**ବଲାଙ୍ଗୀର ଅଫିସ:** ରାଷ୍ଟ୍ରୀୟ କିଷାନ ସମନ୍ୱୟ ସମିତି ନିଷ୍ପତ୍ତି କ୍ରମେ ଶନିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ ପ୍ରତୀକାତ୍ମକ ରାସ୍ତାରୋକୋ କରାଯିବା ଲାଗି ଘୋଷଣା କରାଯାଇଛି । ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି ବଲାଙ୍ଗୀର ଜିଲା ଜୟ କିଷାନ ଆନ୍ଦୋଳନ । ଶନିବାର ଜିଲାର ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥର ଚୁଡାପାଲି-ଭୁଏପାଲି ଛକଠାରେ ଏବଂ ଟିଟିଲାଗଡ ନିକଟ ଦୁଇଟି ସ୍ଥାନରେ ପ୍ରତୀକାତ୍ମକ ରାସ୍ତାରୋକୋ କରାଯିବ ବୋଲି ସଙ୍ଗଠନର ଆବାହକ ମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି । ଜୟ କିଷାନ ଆନ୍ଦୋଳନର ସଦସ୍ୟ ବନଛୋର, ତ୍ରିଲୋଚନ ପୁଞ୍ଜି, ସିପୁନ ଖମାରୀ, ବାଳକୃଷ୍ଣ ଷାଣ୍ଢ, ବ୍ୟାସଦେବ ଥନାପତି ପ୍ରମୁଖ ଚାଷୀ ପ୍ରତିନିଧି ୱେବିନାର ଜରିଆରେ ଆଲୋଚନା କରି ରାସ୍ତାରୋକୋ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି ।



## ସଂକ୍ଷେପରେ

### ଖବରଦାତାଙ୍କୁ ହତ୍ୟା ଧମକ, ଥାନାରେ ଏତଲା

**ବରଗଡ଼ ଅଫିସ୍,୫।୨:** ବରଗଡ଼ ଜିଲା ଅତାବିରା ବ୍ଲକ ଧରିତ୍ରୀ ଖବରଦାତା ହୃଷିକେଶ ଖମାରୀଙ୍କୁ ଗୁରୁବାର ରାତ୍ରିରେ ୨ଜଣ ଅଜଣା ଲୋକ ଫୋନରେ ହତ୍ୟା ଧମକ ଦେଇଛନ୍ତି । ଏ ନେଇ ଖମାରୀ ଅତାବିରା ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ ହେବ ଏବଂ ଏହାର ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି। ସୂଚନା ଅନୁଯାୟୀ, ଖବରଦାତା ଖମାରୀ ଘରେ ଥିବାବେଳେ ଗୁରୁବାର ରାତ୍ରି ପ୍ରାୟ ୮ଟା ୯ମିନିଟ, ୮ଟା ୧୪ମିନିଟ୍ ଏବଂ ୮ଟା ୩୭ମିନିଟ୍‌ରେ ୨ଟି ମୋବାଇଲ ନମ୍ବର (୭୮୪୭୯୪୭୩୭୫ ଏବଂ ୯୦୯୦୨୫୯୩୯୧)ରୁ ୨ଜଣ ଲୋକ ଫୋନ କରି ହତ୍ୟା ଧମକ ଦେଇଥିଲେ। ବାଲି ଚୋରାଚାଲାଣ ଉପରେ ଖବର ଛାପିବା ବହୁତ ମହଙ୍ଗା ପଡ଼ିବ ଏବଂ ହାତ, ଗୋଡ଼ ଭାଙ୍ଗି ଜୀବନରୁ ମାରି ଦେବୁ ବୋଲି ସେମାନେ ଫୋନରେ ଧମକ ଦେଇଥିବା ଖମାରୀ ପୋଲିସରେ ଅଭିଯୋଗ କରିଛନ୍ତି।

### ଖବରଦାତାଙ୍କ ପିତୃ ବିୟୋଗ

**ବରପାଲି,୫।୨(ଡି.ଏନ.ଏ):** ବରଗଡ଼ ଜିଲା ବରପାଲିର ଧରିତ୍ରୀ ଖବରଦାତା ମେଘନାଦ ସାହୁଙ୍କ ବାପା ଦୁର୍ଲଭ ସାହୁଙ୍କ ଗୁରୁବାର ପରଲୋକ ଘଟିଛି । ବରପାଲି ଗୁଡ଼ିଆପଡ଼ାସ୍ଥିତ ବାସଭବନରେ ତାଙ୍କ ପରଲୋକ ହୋଇଥିଲା । ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣ, ଅମାୟିକ, ସରଳ ବ୍ୟକ୍ତି ଥିଲେ । ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି ।

### ଖଡିଆଳରେ ସହର ସଡ଼କ ଆଲୋକ ସେବା ଶୁଭାରମ୍ଭ

**ଖଡିଆଳ, ୫।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଏନ୍‌ଏସି ପକ୍ଷରୁ ସହର ସଡକ ଆଲୋକ ସେବା ଶୁଭାରମ୍ଭ ହୋଇଯାଇଛି। ଏହି ଯୋଜନାରେ ଅଚଳ ଥିବା ଲାଇଟକୁ ମରାମତି ଏବଂ ନୂତନ ଲାଇଟ ଲଗାଇବା ନେଇ ଗ୍ରୀନ ଫିଲ୍ଡ କର୍ମଚାରୀମାନେ ଆସି ମରାମତି କରୁଥିବା ଜଣାପଡିଛି। ଏହି କାର୍ଯ୍ୟ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ସହକାରୀ ଯନ୍ତ୍ରୀ ତାମ୍ରଧ୍ୱଜ ମାଝିଙ୍କ ତତ୍ତ୍ୱାବଧାନରେ ଚାଲୁଛି । ଏହି ଯୋଜନାରେ ସହରର ୪ଟି ପ୍ରମୁଖ ସଡକ ଖଡିଆଳଠାରୁ ମିଶନ ଖଡିଆଳ ଜାତୀୟ ରାଜପଥ, ଖଡିଆଳଠାରୁ ପଦ୍ମପୁର, ଖଡିଆଳଠାରୁ ରାଣୀପୁର ଆଲୋକ ସେବାକୁ ନିରବଚ୍ଛିନ୍ନ ଭାବରେ ଆରମ୍ଭ କରିଛନ୍ତି ।

### ଜଳିଗଲା ଚଳନ୍ତା କାର୍

**ଭବାନୀପାଟଣା, ୫।୨ (ଡି.ଏନ.ଏ.):** ଭବାନୀପାଟଣା ସହର ନିକଟସ୍ଥ ପ୍ରଗତି କଲେଜ ନିକଟରେ ଏକ ଚଳନ୍ତା କାର ଜଳିଯାଇଛି। ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣାରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା କାର୍ (ଓଆର୧୧କେ-୧୮୬୯)ରୁ କଲେଜ ନିକଟରେ ଧୂଆଁ ବାହାରିଥିଲା। ତୁରନ୍ତ ଡ୍ରାଇଭର ଗାଡିରୁ ଓହ୍ଲାଇଥିଲେ। ଏହାପରେ କାର ହୁହୁ ହୋଇ ଜଳିଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବିଭାଗକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଡ୍ରାଇଭର ଜଣଙ୍କ ବଲାଙ୍ଗୀର ପ୍ୟାଲେସ୍ ଲାଇନ୍‌ର ଅଭିଷେକ ପାଣିଗ୍ରାହୀ ଓ କାର ମାଲିକ ବଲାଙ୍ଗୀର ମାଲପଡାର ସୌରଭ ମିଶ୍ର ବୋଲି ପୋଲିସ୍ ସୂଚନା ଦେଇଛି।

### କଳାହାଣ୍ଡି ଜିଲାରେ ପରୀକ୍ଷା ଦର୍ପଣ ବଣ୍ଟନ ଆରମ୍ଭ

**ଭବାନୀପାଟଣା, ୫।୨ (ଡି.ଏନ.ଏ.):** ଚଳିତବର୍ଷ ହାଇସ୍କୁଲ ମାଟ୍ରିକ ପରୀକ୍ଷା ଦେଉଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ସରକାର ପରୀକ୍ଷା ଦର୍ପଣ ପୁସ୍ତକ ବଣ୍ଟନ ପାଇଁ ବ୍ୟବସ୍ଥା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲାକୁ ୧୨୦୦୦ ପୁସ୍ତକ ଆସିଥିଲା। ଏହି ପୁସ୍ତକ ବଣ୍ଟନର ଶୁଭାରମ୍ଭ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଦ୍ୱାରା ସ୍ଥାନୀୟ ବ୍ରଜମୋହନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ଭାରପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ନିଶଙ୍କ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ୫ଟି ବ୍ଲକ ଭବାନୀପାଟଣା, କେସିଙ୍ଗା, ଜୁନାଗଡ, ଥୁଆମୂଳ ରାମପୁର ତଥା ଗୋଲାମୁଣ୍ଡାରେ ଏହି ପୁସ୍ତକ ବଣ୍ଟନ କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ବାକି ବ୍ଲକରେ ପୁସ୍ତକ ବଣ୍ଟନ କରାଯିବା ବ୍ୟବସ୍ଥା ରହିଛି।

# ମଣ୍ଡି ସମ୍ମୁଖରେ ଧାରଣା, ବିକ୍ଷୋଭ

**ଭବାନୀପାଟଣା/ଧର୍ମଗଡ଼/କେସିଙ୍ଗା/କୋକସରା, ୫।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡିରେ ପଡିରହିଥିବା ଧାନ ତୁରନ୍ତ ଉଠାଣ ଏବଂ ଅବଧି ସରିଯାଇଥିବା ଟୋକନ ପୁନଃକାର୍ଯ୍ୟକ୍ଷମ ଦାବିରେ ଆନ୍ଦୋଳନକୁ ଭାଜପା ଜୋରଦାର କରିଛି। ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଅଟାଙ୍ଗଗୁଡା ମଣ୍ଡିରେ ବିରୋଧୀ ଦଳ ନେତା ତଥା ସଦର ବିଧାୟକ ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଚାଷୀମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ସରକାର ଅବଧି ସାରିଥିବା ଟୋକୋନଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରି ମଣ୍ଡିରେ ପଡ଼ିଥିବା ସମସ୍ତ ଚାଷୀଙ୍କ ଧାନ ଉଠାଣ କରିବା ବ୍ୟବସ୍ଥା ନ ହେଲେ ରାଜ୍ୟ ତଥା ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। କର୍ଲାପଡା ମଣ୍ଡଳ ପକ୍ଷରୁ କର୍ଲାପଡା ଓ କଲମ ୨ଟି ମଣ୍ଡିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବୋଡ଼େନ, ଖାଇରପଦର, ବ୍ରାଛେଣ୍ଡିଆ, ବଡ଼ବସୁଲ, କଙ୍କେରି, ବେହେରା ମଣ୍ଡି ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ବିକ୍ଷୋଭରେ



କେସିଙ୍ଗା ବ୍ଲକ ପାଷ୍ଟିକୁଡି ମଣ୍ଡିରେ ବିରୋଧୀ ଦଳ ନେତାଙ୍କ ସହ ଚାଷୀମାନେ ଆନ୍ଦୋଳନ କରୁଛନ୍ତି ।

**ଧାନ ନ ଉଠିବାର ପ୍ରତିବାଦ**

ଭାଜପା ଜିଲା ଯୁଗ୍ମ ସମ୍ପାଦକ ସୁଧୀର ରଞ୍ଜନ ପଛଯୋଶୀ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଖଇରପଦର ଭାଜପା ମଣ୍ଡଳ ସଭାପତି ଜୟଶଙ୍କର ମୁଣ୍ଡ, ଓବିସି ମୋର୍ଚ୍ଚା ଜିଲା ଉପସଭାପତି ଏକାଦଶୀ ଗୋପାଳ, ବେହେରା ମଣ୍ଡଳ ସଭାପତି ତୁଳସୀ ନାଏକ, ବିଭୁଦତ୍ତ ପ୍ରଧାନି ତଥା ସ୍ଥାନୀୟ ଚାଷୀ ସାମିଲ ହୋଇଥିଲେ। ସେହିପରି କେସିଙ୍ଗା ବ୍ଲକ ପାଷ୍ଟିକୁଡି ମଣ୍ଡିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ମଣ୍ଡଳ ସଭାପତି ଅଭିମନ୍ୟୁ ସାହୁ, ସମ୍ପାଦକ ବିରଞ୍ଚି ପ୍ରଧାନ ଭାଜପାର କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ବାଗ ପ୍ରମୁଖ ଓ ଚାଷୀବୃନ୍ଦ ଶୁକ୍ରବାର ସକାଳ ୧୦ଟାରୁ ଗଣଧାରଣାରେ ବସିଛନ୍ତି। ଆମପାଣି ମଣ୍ଡଳ ଭାଜପା ସଭାପତି ଅର୍ଜୁନ ଭାଟିଙ୍କ ନେତୃତ୍ୱରେ କାଉଡୋଲା ମଣ୍ଡିଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ସେହିପରି କୋକସରା ମଣ୍ଡଳ ଭାଜପା ସମ୍ପାଦକ ତ୍ରିନାଥ ଶବରଙ୍କ ନେତୃତ୍ୱରେ ଟେମରା ମଣ୍ଡି ସାମ୍ନାରେ ଗଣବିକ୍ଷୋଭ ଜାରି ରହିଛି। କାଉଡୋଲା ବିକ୍ଷୋଭରେ ଆମପାଣି ମଣ୍ଡଳ ସମ୍ପାଦକ ମଧୁବନ ପାତ୍ର, ଉପସଭାପତି ଚକ୍ରଧର ବେଶ୍ରା, ଭାଜପା ଜିଲା ପ୍ରତିନିଧି ଭଜମନ ନାଏକ, କାମଦେବ ମାଝି, କୃଷ୍ଣଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଟେମରାଠାରେ ଗୋପାଳ ଚନ୍ଦ୍ର ଅଗ୍ରୱାଲ, ବିନୋଦ ନାଏକ, ବସନ୍ତ ନାଗ, ମୋତିଲାଲ ନାଏକ, ମିନିକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମେଶିନ କାମକୁ ପ୍ରତିବାଦ କରିବାରୁ ଶ୍ରମିକଙ୍କୁ ମାଡ଼

**ଲାଠୋର, ୫।୨( ଡି.ଏନ.ଏ)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାମକୁ ମେଶିନ ଦ୍ୱାରା କରାଯାଉଛି। ଏହାର ପ୍ରତିବାଦ କରିବାରୁ ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଭରୁଆମୁଣ୍ଡା ଗ୍ରାମର ଭୁବନ ବାଗଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୧/୨୧) ରୁଜୁ କରି ତଦନ୍ତ କରୁଛି। ତେବେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ପୀଡିତ ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ, ବଲାଙ୍ଗୀର ବନଖଣ୍ଡ ହରିଶଙ୍କର ରେଞ୍ଜ ଅଧୀନ ଭରୁଆମୁଣ୍ଡା ଗ୍ରାମ ଚାନ୍ଦଲି ସଂରକ୍ଷିତ ଜଙ୍ଗଲରେ ୨୦୨୦-୨୧ରେ ୧୭ ଲକ୍ଷ ୨୯ ହଜାର ୪୬୫ ଟଙ୍କା ବ୍ୟୟ ଅଟକଳରେ ଏମଜିଏନଆରଇଜିଏରେ ନାଳତୁରି କାମ ଆରମ୍ଭ କରାଗଲା । ଏଥିରେ ଆଖି ଦୃଶିଆ କିଛି ଶ୍ରମିକଙ୍କୁ କାମରେ ଲଗାଇ ଜେସିପି ମେଶିନ ସାହାଯ୍ୟରେ କାମ କରାଗଲା । ଫଳରେ ଗତ ଡିସେମ୍ବର ୨୭ ତାରିଖରେ ଭରୁଆମୁଣ୍ଡା ଏବଂ ଚିତାକୁଟନା ଗ୍ରାମର ମହିଳା ପୁରୁଷ ଶ୍ରମିକ ମେଶିନ କାମକୁ ପ୍ରତିବାଦ କରିଥିଲେ। ପରେ ରେଙ୍ଗାଲି ସରପଞ୍ଚ ଓ ଖପ୍ରାଖୋଲ ବିଡ଼ିଓଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏଥିରେ ଜେସିପି ମାଲିକ ଉତ୍‌କ୍ଷିପ୍ତ ହୋଇ ଭୁବନ ବାଗଙ୍କୁ ମାଡ ମାରିଥିବା ଭୁବନ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ସେହିପରି ବଲାଙ୍ଗୀର ଡିଏଫଓ ସମୀର କୁମାର ଶତପଥୀ କହିଛନ୍ତି, ଶ୍ରମିକ ମାନଙ୍କ ଅଭିଯୋଗପତ୍ର ପାଇନାହିଁ। ଘଟଣା ଉପରେ ଅବଗତ ହୋଇ ପଦକ୍ଷେପ ଗ୍ରହଣ କରିବି।

# ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୫।୨**

ନେହେରୁ ଯୁବକେନ୍ଦ୍ର, ବରଗଡ଼ ଏବଂ ରୟାଲ ଆସୋସିଏଶନ, ଟାଙ୍ଗରପାଲିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ଧନପତି ବାଦୀ ମୁଖ୍ୟଅତିଥି ଏବଂ ଭରତ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତାବିରା ଜୀବିକା ମିଶନର ଇନ୍ଦ୍ରମଣି କୁମ୍ଭାର, ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଜେନା, ସହକାରୀ ଶିକ୍ଷକ ସୁରଜ କୁମାର ଶତପଥୀ, ଦକ୍ଷ ପ୍ରଶିକ୍ଷକ ଏବଂ ସ୍ୱାମୀ ନାରଦାନନ୍ଦ ଯୋଗ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ବର୍ଷାଜଳ ସଂରକ୍ଷଣ, ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନ କରିବାରେ ଯୁବଗୋଷ୍ଠୀର ଭୂମିକା, ବୃକ୍ଷରୋପଣ, ଗ୍ରାମ୍ୟସ୍ତରରୁ କ୍ରୀଡ଼ାର ବିକାଶ, ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁଯୋଗର ଆବଶ୍ୟକତା ଉପରେ ସ୍ୱାମୀ ନାରଦାନନ୍ଦ ଏବଂ ଅନ୍ୟ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଯୋଗ ଶିବିରକୁ ସ୍ୱାମୀ ନାରଦାନନ୍ଦ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ମୁନା ନାୟକ ଓ ରଞ୍ଜିତା କେରକେଟା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦେବାଶିଷ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।



ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ।

## ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୫।୨**

ବରଗଡ଼ ଓକିଲ ସଂଘ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଚେରୀ ପରିସରରେ ରହିଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଓକିଲ ସଂଘର ସଭାପତି ଶ୍ୟାମସୁନ୍ଦର ଅଦାବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଜଜ୍ ସଞ୍ଜୟ କୁମାର ସାହୁ, ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ଓକିଲ ସଂଘର ସମ୍ପାଦକ ହରିହର ପ୍ରଧାନ, ଉପସଭାପତି ମାନଭଞ୍ଜନ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।

# ୪୨୧୩କୋଭିଡ୍ ଯୋଦ୍ଧାଙ୍କୁ ଟିକା

**ବରଗଡ଼ ଅଫିସ୍,୫।୨**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ଶୁକ୍ରବାର କୋଭିଡ୍ ଟିକାକରଣ ଉପରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ରୁ ୧୦ତାରିଖ ପର୍ଯ୍ୟନ୍ତ (୭ତାରିଖ ବ୍ୟତୀତ) ଏବଂ ୧୧ରୁ ଚଳିତ ମାସ ୧୩ତାରିଖ ପର୍ଯ୍ୟନ୍ତ କୋଭିଡ୍ ଟିକାକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉକ୍ତ ଦିବସ ଗୁଡ଼ିକରେ ପ୍ରତ୍ୟହ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକାକରଣ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟ ଟିକାକରଣ ଜିଲାର ୩ଟି ସ୍ଥାନ ଅର୍ଥାତ୍ ଜିଲାପାଳଙ୍କ କାର୍ଯ୍ୟାଳୟ, ବିଜୁ ପଟ୍ଟନାୟକ ଟାଉନ ହଲ ଏବଂ ଚକରକେନ୍ଦ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଟିକାକରଣ କରାଯିବ ବୋଲି ସ୍ଥିର ହୋଇଛି। ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଟିକା ନେବେ । ସେହିପରି ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ପଦ୍ମିନୀ ସାହୁ, ବିଜୁ ପଟ୍ଟନାୟକ ଟାଉନ ହଲରେ ପୌର ନିର୍ବାହୀ ଅଧିକାରୀ ରାଜେଶ କୁମାର ସାହୁଙ୍କ ପରେ ସମ୍ପୃକ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଟିକାକରଣ କରାଯିବ। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ୧୪୨୮, ଦ୍ୱିତୀୟ ପର୍ଯ୍ୟାୟରେ ୨୭୮୫ଜଣ ଅର୍ଥାତ୍ ସମୁଦାୟ ୪୨୧୩ଜଣ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କୁ ଟିକାକରଣ କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

## ଖେଳ ଖବର

# ଫୁଟବଲ: ମାକରଚୁଆଁ ଚାମ୍ପିୟନ

**ଦେଓଗାଁ ,୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଫଟାମୁଣ୍ଡାରେ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୨ତମ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ମାକରଚୁଆଁ ଓ ବୁଦେଲଗୁମା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଖେଳ ଅମିମାଂଶିତ ରହିବାରୁ ଟାଇବ୍ରେକର ଜରିଆରେ ମାକରଚୁଆଁ ଦଳ ୫-୪ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ବନମାଳୀ ବାଙ୍କ, ସତ୍ୟଜିତ ପଟେଲ ଓ ସଞ୍ଜୀବ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୀନା ମେହେର ,ସମ୍ମାନିତ ଅତିଥି ଭାବେ ଆମ ଆଦମୀ ପାର୍ଟିର ଜିଲା ଆବାହକ ଆଶିଷ କୁମାର ପାଣ୍ଡେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମନୋରଞ୍ଜନ ପଟେଲ, ଗୋପାଳ ଅଗ୍ରୱାଲ, ରମେଶ ସାହୁ, ମହେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଟୁର୍ନାମେଣ୍ଟରେ ୧୬ଟି ଆଞ୍ଚଳିକ ଦଳ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଜୟଜଗନ୍ନାଥ କ୍ଲବର ସମସ୍ତ କର୍ମକର୍ତ୍ତାବୃନ୍ଦ ସହଯୋଗ କରିଥିଲେ।

# ଗଙ୍ଗାରାମ ସ୍ମାରକୀ କ୍ରିକେଟ: ସେମିରେ ଦେଢ଼େଣମାଳ

**ଘଣ୍ଟାପଡା, ୫।୨ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ବିଜୁ ପଟ୍ଟନାୟକ ଖେଳ ପଡିଆରେ ଚାଲିଥିବା ୧୮ତମ ଗଙ୍ଗାରାମ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିନର ପ୍ରଥମ ଲିଗ ମ୍ୟାଚ୍‌ରେ ଦେଢ଼େଣମାଳ ଦଳ ଲଣ୍ଡାଗାଁ ଦଳକୁ ପରାସ୍ତ କରିଥିଲ । ଦ୍ୱିତୀୟ ଲିଗ୍ ମ୍ୟାଚରେ ରୁଣ୍ଡିମହୁଲ ଦଳକୁ ୫ ଉଇକେଟରେ ହରାଇ ହାତୀପାଲି ବିଜୟ ହୋଇ ଦେଢ଼େଣମାଳ ଦଳ ସହିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳିଥିଲା। ହାତୀପାଲି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୮ ଓଭରରେ ୨ ଉଇକେଟ ହରାଇ ୬୫ ରନ ସଂଗ୍ରହ କରିଥିଲା । ଜବାବରେ ଦେଢ଼େଣମାଳ ଦଳ ୩ ଉଇକେଟ ହରାଇ ୬୮ ରନ ସଂଗ୍ରହ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି । ସମାଜସେବୀ ବିରିଧାରୀ ରଣା, ନିରଞ୍ଜନ ବେହେରା, ଖେଳ ଶିକ୍ଷକ ମହେନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ।

# ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍

**ପଦ୍ମପୁର, ୫।୨ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ମହୁଲପାଲି ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ ମିସ୍ତ୍ରୀ ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଏଥିରେ ମିସ୍ତ୍ରୀ ଏକାଦଶ ବିଜୟୀ ହୋଇଛି। ସୁବ୍ରତ ସାହୁ, ଅଚ୍ୟୁତ ସାହୁ ଖେଳ ପରିଚାଳନା କରିଥିବା ବେଳେ ପରେଶ ସାହୁ ସ୍କୋରର ଓ ଦିଲୀପ ସାହୁ ଉଦଘୋଷକ ଥିଲେ। କିଶୋର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି କ୍ରିଷ୍ଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ନବକୃଷ୍ଣ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: କେନ୍ଦୁପାଟି ଚାମ୍ପିୟନ



ଫାଇନାଲ ଖେଳ ଅବସରରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଖଡିଆଳ, ୫।୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ କେନ୍ଦୁପାଟିଠାରେ ହେଉଥିବା ମା' ଖରାବାହାଲେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ଖେଳ ଘରୋଇ କେନ୍ଦୁପାଟି ଦଳ ଓ ଲଛିପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପାଟି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୩୬ ରନ ସଂଗ୍ରହ କରିଥିଲେ। ଲଛିପୁର ଦଳ ସମସ୍ତ ଉଇକେଟ ହରାଇ ୧୧.୪ ଓଭରରେ କେବଳ ୬୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଧର ନିଆଲ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ରବି ପୋଡ଼, ପ୍ରେମଲାଲ ଷଣ୍ଢ, ଟଙ୍କଧର ପୋଡ଼ ଉପସ୍ଥିତ ଥିଲେ ।

**ଫୁଟ୍‌ବଲ: କଟାପାଲି ବିଜୟୀ**

**ବରଗଡ଼ ଅଫିସ୍,୫।୨:** ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲିରେ ଶୁକ୍ରବାର ସନ୍ତୋଷ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି । ଉକ୍ତ ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ କଟାପାଲି ପ୍ରତିପକ୍ଷ ଉଲବାକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

# ବୌଦ୍ଧକୁ ହରାଇ ସିଣ୍ଢୋଲ ଚାମ୍ପିୟନ

**ଅମରପାଲି, ୫।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ଚାଲିଥିବା ୧୫ତମ ମା' ମାହେଶ୍ୱରୀ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବୌଦ୍ଧକୁ ହରାଇ ସିଣ୍ଢୋଲ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ଖେଳା ହୋଇଥିଲା । ପ୍ରଥମ ଫର୍ମାଟରେ ସିଣ୍ଢୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୧ ରନ କରିଥିଲା । ଜବାବରେ ବୌଦ୍ଧ ଦଳ ୧୪ ଓଭରରେ ୧୩୨ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ସିଣ୍ଢୋଲ ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ କରିଥିଲା। ଜବାବରେ ବୌଦ୍ଧ ୮ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତିବାରୁ ସୁପର ଓଭରରେ ସିଣ୍ଢୋଲ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ମୁଖ୍ୟଅତିଥି, ସମିତି ସଭ୍ୟା ପ୍ରତିନିଧି ସପନ ପ୍ରଧାନ, ଜିଆରଏସ ରଞ୍ଜିବ ଘିବିଲା, ଆୟୋଜକ ସଭାପିତ ରାମପ୍ରସାଦ କର୍ଣ୍ଣ, ଶିକ୍ଷାବିତ ଅଚ୍ୟୁତାନନ୍ଦ ସାହୁ, ଟୁର୍ନାମେଣ୍ଟ ସମ୍ପାଦକ ବିଶ୍ୱଜିତ ପାଢ଼ୀ, କ୍ରୀଡାବିତ ହାରୁନ ଖାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧର ରତିରଞ୍ଜନ ବାରିକ୍‌ଙ୍କୁ ଶ୍ରେଷ୍ଠ ବୋଲର ଓ ଏମରଜିଙ୍ଗ ପ୍ଲେୟାର, ଅମିତ ହୋତାଙ୍କୁ ବେଷ୍ଟ ସିକ୍ସର, ରାମକ୍ରିପାଳ ପାଲଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ସିଣ୍ଢୋଲର କେଦାର ବେହେରାଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ଏବଂ କେଦାର ଓ ଦେବାଶୀଷ ବାଗଙ୍କୁ ଯୁଗ୍ମ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା । ଚାମ୍ପିୟାନ ଓ ରନର୍ସଅପ୍ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## କ୍ରିକେଟ: ସେମିରେ ବରିହାପାଲି, ପଦ୍ମପୁର ଜେସିସି

**ପଦ୍ମପୁର,୫।୨(ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ବରିହାପାଲିଠାରେ ଷଷ୍ଠ ବୁଢ଼ାରାଜା କ୍ରିକେଟ ଟୁର୍ନାମେଣ୍ଟରେ ଝାଙ୍କରପାଲି ଓ ପଦ୍ମପୁର ଜେସିସି ଟିମ୍ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ସରପଞ୍ଚ ସତ୍ୟବାନ ପ୍ରଧାନ, କୀର୍ତ୍ତନ ପାର୍ଟି ମ୍ୟାନେଜର ଶୁଭେନ୍ଦୁ ସାହୁ, ନୃପରାଜ ସାହୁ, ବିଭିଷଣ ମାଝୀ ମଞ୍ଚାସୀନ ଅତିଥି ଥିଲେ। ରତନ ସାହୁ, ମୋତିଲାଲ ସାହୁ, ଗିରିରାଜ ପ୍ରଧାନ, ବୀରେନ୍ଦ୍ର ମେହେର, ଫଗୁଲାଲ ପ୍ରଧାନ, ଗିରିଶ ସାହୁ, ଶେଷଦେବ ସାହୁ ଖେଳ ପରିଚାଳନା କରିଥିଲେ। ଲୋକ ପ୍ରଧାନ, ନବ କୁମାର ପ୍ରଧାନ, ଟିକେଶ୍ୟାମ ପ୍ରଧାନ ସ୍କୋରର ଓ ଲିଙ୍ଗରାଜ ସାହୁ, ବୈଷ୍ଣବ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ।

## ମାଁ ମାଉଲି କ୍ରିକେଟ: ବୈତାଲଭଟା ଚାମ୍ପିୟନ

**ପଦ୍ମପୁର, ୫।୨ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ବମ୍ବରିଡ ଠାରେ ୬ଦିନ ବ୍ୟାପୀ ଚାଲିଥିବା ଷଷ୍ଠ ବାର୍ଷିକ ମାଁ ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବୈତାଲଭଟା ଓ ଲଖମରା ମଧ୍ୟରେ ହୋଇ ବୈତାଲଭଟା ଦଳ ବିଜୟୀ ହୋଇଥିଲା। ଲଖମରା ସମିତି ସଭ୍ୟ ଟୁନା ଡନସନା ମୁଖ୍ୟଅତିଥି, ଯୁବନେତା ଅମରେଶ ଭୋଇ, ରମେଶ ବାରିକ, କୈଳାଶ ମାଝୀ, ସରପଞ୍ଚ ଭୀଷ୍ମଦେବ ଡନସନା, ଜିତ ରଣା, ଫକୀର ଦାସ, କମଳ ଲୋଚନ ପ୍ରଧାନ, ସୀତାକାନ୍ତ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ମୁକେଶ, ମ୍ୟାନ ଅଫ୍ ଦି ସିରିଜ ପିଣ୍ଟୁ, ବେଷ୍ଟ ବ୍ୟାଟ୍ସମ୍ୟାନ ସୁଧୀରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ଟୁନା ଡନସନା ଚାମ୍ପିୟନ ବୈତାଲଭଟା ଦଳ ଓ ଅମରେଶ ଡନସନା ରନର୍ସ ଲଖମରା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

